## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିରଠାରୁ ଶୁଭାରମ୍ଭ ହେଲା ପରିକ୍ରମା ରଥ

କୋରାପୁଟ/ସୁନାବେଡା ,୬।୧ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ )

ସୁନାବେଡା ପୌର ପରିଷଦ ପକ୍ଷରୁ ସୁନାବେଡା-୧ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ପରିକ୍ରମା ରଥକୁ ପୌରାଧ୍ୟକ୍ଷ ଡ ରାଜେନ୍ଦ୍ର ପାତ୍ର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ଅଧକ୍ଷା ରିତୁ କଣ୍ଟା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ସମସ୍ତ କାଉନସିଲର, କର୍ମଚାରୀ ଓ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସମେତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ପରିକ୍ରମା ରଥ ମନ୍ଦିର ପରିସରରୁ ବାହାରି ପୌର ପରିଷଦର ୭ ଓ ୮ ନଂ. ୱାର୍ଡ ପରିକ୍ରମା କରି ପ୍ରତ୍ୟେକ ଘରୁ ଗୁଆ ଚାଉଳ ସଂଗ୍ରହ କରିଥିଲା।

### ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

ମାଲକାନଗିରି, ୬।୧(ନୃସିଂହ ଚରଣ ମହାନ୍ତି)

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ପ୍ରସ୍ତୁତି ବୈଠକ ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ପୋଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ, ପୋଟେରୁ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର ସାହୁ, ଚିତ୍ରକୋଣ୍ଡା, ମାଟିବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ରମାକାନ୍ତ ପାତ୍ର ଓ ପୋଟେରୁ କେନାଲ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ନରେନ୍ଦ୍ର ସୀଠା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୧୬ ରୁ ୩୦ ଜାନୁଆରୀ ପର୍ଯ୍ୟନ୍ତ ପାଳନ ହେବ। ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୪ ଜାନୁଆରୀରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଜାନୁଆରୀ ୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ଏକ ପାଣି ପଞ୍ଚାୟତ ରଥର ଶୁଭାରମ୍ଭ କରାଯିବ । ଏହା ୨୪ ଜାନୁଆରୀ ପର୍ଯ୍ୟନ୍ତ ଜିଲାର ୪ ଜଳ ବିଭାଜନ ଅଞ୍ଚଳ ଯଥା ପୋଟେରୁ ଜଳସେଚନ ବିଭାଜନ, ବାଲିମେଳା, ପୋଟେରୁ କେନାଲ ବିଭାଜନ, ଏମ୍‌ଭି - ୭୯, ମାଟିବନ୍ଧ ବିଭାଜନ, ଚିତ୍ରକୋଣ୍ଡା ଓ କ୍ଷୁଦ୍ର ଜଳସେଚନ ବିଭାଜନ ମାଲକାନଗିରିରେ ଏହା ପରିଭ୍ରମଣ କରିବ। ସୂଚନାଯୋଗ୍ୟ, ଜିଲାରେ ମୋଟ ୨୩୨ପାଣି ପଞ୍ଚାୟତ ରହିଛି। ସେହିପରି ୧୭ ଜାନୁଆରୀରେ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବ। କୃଷି, ପଶୁପାଳନ ଓ ପ୍ରାଣୀ ଚିକିତ୍ସା, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ, ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ(ନାବାର୍ଡ), ମତ୍ସ୍ୟ, ଉଦ୍ୟାନ, ସେଚାଞ୍ଚଳ ଉନ୍ନୟନ ବିଭାଗ ଓ ଉଠାଜଳସେଚନ ବିଭାଗର ପାଣି ପଞ୍ଚାୟତ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ପ୍ରଦର୍ଶନୀ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଦିବସରେ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ବ୍ଲକସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଅବସରରେ ପ୍ରତିଯୋଗିତା

ଜୟପୁର,୬।୧(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୪ ପାଳନ ଅବସରରେ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଓ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ ଓ ଜୟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ କୁଇଜ ପ୍ରତିଯୋଗିତାରେ ଜୟପୁର



ବ୍ଲକସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତା।

ବିଜ୍ଞାନ ଇଣ୍ଟରନ୍ୟାଶନାଲ ସ୍କୁଲର ଆକାଶ ପ୍ରଧାନ, ତର୍କ ପ୍ରତିଯୋଗିତାରେ ଶାରଦାବିହାର ଶିଶୁବିଦ୍ୟାମନ୍ଦିରର ସୋହନ ଦାଶ, ପ୍ରବନ୍ଧ ପ୍ରତିଯୋଗିତାରେ ଶାରଦାବିହାର ଶିଶୁ ବିଦ୍ୟାମନ୍ଦିରର ଦିବ୍ୟାଶ୍ରୀ ଦୈବୀଶକ୍ତି, ଚିତ୍ରାଙ୍କନ ପ୍ରତିଯୋଗିତାରେ ରଣ୍ଡାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତ୍ରିନାଥ ମହୁରିଆ ଏବଂ ବିଜ୍ଞାନ ପ୍ରଦର୍ଶନୀରେ ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ରୋସନ ବେସ୍ରା ଶୀର୍ଷ ସ୍ଥାନ ଅଧିକାରକରି ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଉପେନ୍ଦ୍ର ଦୀପ୍, ପ୍ରଭାତ ରଥ, ସୁସ୍ମିତା ରଥ, ବିଶ୍ୱରଞ୍ଜନ ଗୌଡ, ସୁନୀଲ ପାଢ଼ୀ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ପ୍ରଭାକର ମହାରଣା, ଶିବରାମ ପାଣିଗ୍ରାହୀ ଏବଂ ସବିତା ପଟ୍ଟନାୟକ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଓ ସିଆରସିସି ସଂଯୁକ୍ତା ରାଉତ ସହଯୋଗ କରିଥିଲେ।

# ବାଳିକାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ



କିଶୋରୀ ନାବାଳିକାଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଉଛି।

ନନ୍ଦପୁର, ୬।୧ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ୧୦ଟି ସେକ୍ଟରର ୨୩୦ଟି ଅଙ୍ଗନୱାଡି କେନ୍ଦ୍ରର କିଶୋରୀ ବାଳିକାଙ୍କ ନିମନ୍ତେ ଦିନିକିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ନନ୍ଦପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ରୂପେ ଶିକ୍ଷୟିତ୍ରୀ ପରମେଶ୍ୱରୀ ବୁରୁଡ଼ି ଯୋଗଦେଇ କିଶୋରୀ ବାଳିକାଙ୍କୁ ବିଭିନ୍ନ ପରିସ୍ଥିତିରେ କିଭଳି ନିଜର ଆତ୍ମରକ୍ଷା ନିଜେ କରିପାରିବେ ଓ ଅନ୍ୟଙ୍କୁ ରକ୍ଷା କରିବାରେ ସହାୟକ ହୋଇପାରିବେ ସେ ନେଇ ବିଭିନ୍ନ କୌଶଳ ପ୍ରଦର୍ଶନକରି ପ୍ରଶିକ୍ଷଣ ଦେଇଥିଲେ। ସିଡିପିଓ ମିନତିବାଳା ପଟ୍ଟନାୟକ ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗୋ ପ୍ରଶିକ୍ଷଣ ନେଉଥିବା କିଶୋରୀଙ୍କୁ ଆଜିର ଆତ୍ମରକ୍ଷା କୌଶଳଗୁଡ଼ିକ ଦେଖିବା ଓ ଶିଖିବା ପରେ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ୧୦ସେକ୍ଟର ସୁପରଭାଇଜର ହରପ୍ରିୟା ବେହେରା, କନକ ନାୟକ, ପ୍ରଭାସିନୀ ହିଆଲ, ଏମ୍.ରାବଣା, ମହାଲକ୍ଷ୍ମୀ ପଟ୍ଟନାୟକ, ଶଶୀ ମୁଦୁଲିଙ୍କ ସମେତ ଅଙ୍ଗନୱାଡି କର୍ମୀ ସ୍ନେହମୟୀ ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ଜୟପୁର,୬।୧(ପବନ ପାଣିଗ୍ରାହୀ)-

ଜୟପୁର ପୌରପାଳିକାର ମିଳିତ ସହଯୋଗରେ ଶନିବାର ସଡ଼କ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉପଜିଲାପାଳ ପ୍ରଭାତ ପରିଡା ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ରଜାନହରଠାରୁ ଏହି ଶୋଭାଯାତ୍ରା ସହର ପରିକ୍ରମାକରି ଟାଉନ ଥାନାଠାରେ ପହଞ୍ଚିଥିଲା । ଏଠାରେ ବିଭିନ୍ନ କଲେଜ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ହାତରେ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବିଭିନ୍ନ ସଚେତନତା ପୋଷ୍ଟର, ବ୍ୟାନର ଧରି ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗାଡି ମୋଟର ଚଳାଇବା ସମୟରେ କିପରି ସତର୍କତା ଅବଲମ୍ବନ କରିବେ, ମୋଟର ଆଇନ ଖିଲାପ କଲେ କ'ଣ ଦଣ୍ଡବିଧାନ ବ୍ୟବସ୍ଥା ରହିଛି ସେ ନେଇ ଛାତ୍ରୀଛାତ୍ରମାନେ ସଚେତନ କରିଥିଲେ। ଶୋଭାଯାତ୍ରାରେ ଜିଲା ପରିବହନ ବିଭାଗର ଅତିରିକ୍ତ ଅଧିକାରୀ ତପନ ଚେଟି, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଏସ୍‌ଡିପିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ବୈଠକ

ଜୟପୁର,୬।୧(ପବନ ପାଣିଗ୍ରାହୀ)

ଜୟପୁର ପୌର ସଭାଗୃହରେ ଶନିବାର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉପଜିଲାପାଳ ପ୍ରଭାତ ପରିଡା ଅଧ୍ୟକ୍ଷତା କରିଥିଲେ। ପୌର ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର , ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ଏସଡିପିଓ ମନୋଜ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜୟପୁର ଦଶହରା ପଡିଆଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ଏଥିରେ ଜୟପୁର ଉପଖଣ୍ଡର ବୋରିଗୁମ୍ମା, ବୈପାରିଗୁଡା, କୁନ୍ଦୁରା, କୋଟପାଡ, ଜୟପୁରର ସହ ଦୁଇଟି ପୌରାଞ୍ଚଳର ଶ୍ରେଷ୍ଠ ଗ୍ରୁପ ଭାଗ ନେବେ । ଜୟପୁର ସହରର ବିଦ୍ୟାଳୟରୁ ୩ରୁ ୪ଟି ଗ୍ରୁପ ଆସିବାର ରହିଛି। ଯେଉଁ ବିଦ୍ୟାଳୟର ଏନସିସି ଗ୍ରୁପ ରହିଛି ସେମାନେ ସ୍କାଉଟ ଓ ସିଭିଲିଆନ ଗ୍ରୁପ ପଠାଇବେ ନାହିଁ। ଗତଥର ସାଧାରଣତନ୍ତ୍ର ଦିବସରେ ୫୭ଟି ଗ୍ରୁପ ଭାଗ ନେଇଥିଲେ।

# ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି,୬।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା, ମୁଖ୍ୟବକ୍ତା ଏଡିଇଓ ଚିତ୍ତରଞ୍ଜନ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସୋୟେ, ଯୁକ୍ତ ୨ ମହିଳା



ବାର୍ଷିକ କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ମୁଖ୍ୟ ଆଇନ ପ୍ରାଧିକରଣ ଓକିଲ ଅଶୋକ କୁମାର ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱାସ କୁମାର ମିଶ୍ର ଯୋଗ ଦେଇ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ଉଷା ରାଣୀ ରାୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବିଷ୍ଣୁପ୍ରସାଦ ସୁବୁଦ୍ଧି, ଏମ୍. ନନ୍ଦିନୀ, ଗୀତାଞ୍ଜଳୀ ସାମଲ ମଞ୍ଚ ସଂଯୋଜନା କରିଥିଲେ। ବିଗତ ଦିନରେ ହୋଇଥିବା କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଏହାକୁ ଛାତ୍ରୀ ଅନୁଷ୍କା ମହାନ୍ତି ସଂଯୋଜନା କରିଥିଲେ।

# ନଦୀରୁ ବେଆଇନ ବାଲି ଚାଲାଣ ଅଭିଯୋଗ

ଜୟପୁର,୬।୧(ପବନ ପାଣିଗ୍ରାହୀ)

**ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ନଦୀରୁ ବାଲି ଚାଲାଣ ହେଉଥିବାରୁ ଫାମ୍ପୁଣି ଗ୍ରାମବାସୀ ଶନିବାର ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଉପ ଜିଲାପାଳ ପ୍ରଭାତ ପରିଡାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଫାମ୍ପୁଣି ମୌଜା ନଦୀ ବାଲିକୁ ଗରାହାଣ୍ଡିର ଜଣେ ଲିଜ୍‌ଧାରୀ ଲିଜ୍ ନେଇଛନ୍ତି। ସେ ବେଆଇନ ଭାବେ ଫାମ୍ପୁଣି ମୌଜାର କୋଲାବ ନଦୀରୁ ବାଲି ଉଠାଇ ନେଉଛନ୍ତି। ଏବେ ଫାମ୍ପୁଣିରେ ଆବାସ, କାର୍ଯ୍ୟାଳୟ, ରାସ୍ତାଘାଟ ବିକାଶମୂଳକ କାର୍ଯ୍ୟ ଚାଲିଛି। ଏଥିପାଇଁ ବହୁ ପରିମାଣରେ ବାଲି ଆବଶ୍ୟକ ରହିଛି। ଏପରି ବେଆଇନ ବାଲି ଚାଲାଣ ଜାରି ରହିଲେ ଗ୍ରାମବାସୀଙ୍କ ଆବଶ୍ୟକତା ସମୟରେ ବାଲିର ଅଭାବ ଦେଖାଦେବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଫାମ୍ପୁଣି ପଞ୍ଚାୟତରେ ୨୫୦ ଆବାସ ଯୋଜନା ମଞ୍ଜୁର ହୋଇଛି। ଏଥିପାଇଁ ବାଲି କେଉଁଠି ଆସିବ, ଆବାସ ଗୃହ କିପରି ନିର୍ମାଣ ହେବ ସେନେଇ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଫାମ୍ପୁଣି ମୌଜା ନଦୀର ବାଲି ନ ଉଠାଇବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଫାମ୍ପୁଣିର ଉଗ୍ରସେନ ମଣ୍ଡଳ, ତ୍ରିପତି ପ୍ରଧାନ, ସୋମନାଥ ମଣ୍ଡଳ, ଟୁନୁ ଦାସ, ସୁଧୀର ରାଉତ, ଚିନ୍ତାମଣି ବେହେରା, ହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରି ଜୟପୁର ଓ କୁନ୍ଦୁରା ତହସିଲଦାରଙ୍କ ଉପସ୍ଥିତିରେ ନଦୀବାଲି ଚିହ୍ନଟ କରାଯାଇ ଲିଜ୍‌ଧାରୀଙ୍କ ଉପରେ ରୋକେ ଲଗାଯିବ ବୋଲି ଉପ ଜିଲାପାଳ ପରିଡା ପ୍ରତିଶ୍ରୁତି ଦେଇଥିଲେ।

# ଯକ୍ଷ୍ମା ଓ ଏଚ୍‌ଆଇଭି ସମ୍ପର୍କିତ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୬।୧ (ସ୍ମୃତି ରଞ୍ଜନ ମହାଲିକ)

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶନିବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନୂତନ ସମ୍ମିଳନୀ କକ୍ଷରେ ଏଚଆଇଭି ଏଡ୍‌ସ ଓ ଯକ୍ଷ୍ମା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମସି ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯକ୍ଷ୍ମା ଓ ଏଚ୍‌ଆଇଭି ବିଭାଗର ନୋଡାଲ ଅଫିସର ଡା. ଅବନୀ କୁମାର ପାତ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଏଡ୍‌ସ ସେଲ ଜିଲା ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ ଏଚ୍‌ଆଇଭିର କାରଣ ଓ ନିରାକରଣ ସମ୍ପର୍କରେ କହିଥିଲେ। ଯକ୍ଷ୍ମା ଓ ଏଚଆଇଭି ସଂକ୍ରମିତ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିଭଳି ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ଉପସ୍ଥିତ ଜନ ପ୍ରତିନିଧିଙ୍କୁ ପରାମର୍ଶ ଦିଆଯାଇଥିଲା। ମେୟର କହିଥିଲେ ଯେ, ପ୍ରତି ୱାର୍ଡରେ ଥିବା ଗୋଷ୍ଠୀ କେନ୍ଦ୍ର ଗୁଡିକରେ ବିଭାଗ ପକ୍ଷରୁ ୱାର୍ଡ କର୍ପୋରେଟରଙ୍କ ଉପସ୍ଥିତିରେ ସଚେତନତା ସୃଷ୍ଟି କରାଯିବା ଦରକାର। ଯକ୍ଷ୍ମା ବିଭାଗ ସଂଯୋଜକ ବିଦେଶୀ ଜେନା ଯକ୍ଷ୍ମାର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ କହିଥିଲେ। ଯକ୍ଷ୍ମା ବିଭାଗର ମେଡିକାଲ ଅଫିସର ଡା. ଗୀତମୟ ପଟ୍ଟନାୟକ ଯକ୍ଷ୍ମା ରୋଗ ସମ୍ପର୍କରେ କହିଥିଲେ। ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ପଣ୍ଡା କହିଥିଲେ ଯେ, ଏଚଆଇଭି ଓ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। ଆଗାମୀ ଦିନରେ ସଂକ୍ରମଣ ସଂଖ୍ୟା ସଂପୂର୍ଣ୍ଣ ହ୍ରାସ ପାଇବ। ଏଡସ ସେଲର ସନ୍ତୋଷ କୁମାର ରାଜୁ, ଯକ୍ଷ୍ମା ବିଭାଗର ପି. ଉର୍ମିଳା ଓ ପ୍ରଣତୀ ସାହୁ ସହଯୋଗ କରିଥିଲେ। ଯକ୍ଷ୍ମା ବିଭାଗର ସୁଧୀର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିଜର୍ଭ ବ୍ୟାଙ୍କର ଆର୍ଥିକ ସାକ୍ଷରତା ସଚେତନତା ନେଇ ୱାକାଥନ

କୋରାପୁଟ,୬।୧(ଅମିତାଭ ବେହେରା)

କୋରାପୁଟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଶନିବାର ଆର୍ଥିକ ସାକ୍ଷରତା ଓ ସଚେତନତା ନେଇ ଏକ ୱାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କନିଷ୍ଠ ମହିଳା ମହାବିଦ୍ୟାଳୟଠାରୁ ଏହି ୱାକାଥନ କାର୍ଯ୍ୟକ୍ରମକୁ ରିଜର୍ଭ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟବ୍ରତ ବରୁଆ ଓ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟରୁ ଛାତ୍ରୀଛାତ୍ର,ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକମାନେ ସାମିଲ ହୋଇଥିଲେ। ସହର ପରିକ୍ରମା ପରେ ଦକ୍ଷତା ବୃଦ୍ଧି କେନ୍ଦ୍ରଠାରେ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟବ୍ରତ ବରୁଆ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବି.କେ. ବ୍ରହ୍ମ, ଲିଡ୍ ବ୍ୟାଙ୍କ ଜିଲା ପ୍ରବନ୍ଧକ ଲିଙ୍ଗରାଜ ସାହୁ, ଡିଡିଏମ୍ ନାବାର୍ଡର ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାର ଠକେଇ, ଚିରାଫଟା ନୋଟ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଉପସ୍ଥିତ ଛାତ୍ରୀଛାତ୍ର, କୃଷକ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ, ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିଥିଲେ।




କୋରାପୁଟରେ ୱାକାଥନକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି
ସମ୍ପର୍କରେ ଘୋଷଣା କରୁଛନ୍ତି

ଯୋଗ୍ୟତା
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

ପରିସର
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

ହକ୍‌ଦାରିତା
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/11/0057/2324

## ସଂକ୍ଷେପରେ

### କେନ୍ଦ୍ର ସରକାରଙ୍କ ନୂତନ ଆଇନକୁ ଡ୍ରାଇଭରଙ୍କ ବିରୋଧ

ଜୟପୁରରେ ଡ୍ରାଇଭରଙ୍କ ବିକ୍ଷୋଭ

ଜୟପୁର,୬।୧(ପବନ ପାଣିଗ୍ରାହୀ)

କେନ୍ଦ୍ର ସରକାରଙ୍କ ନୂଆ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୬(୨)ର ହିଟ୍ ଆଣ୍ଡ ରନ ଘଟଣା ପାଇଁ କଠୋର ଦଣ୍ଡ ବ୍ୟବସ୍ଥାକୁ ଜୟପୁରରେ ଡ୍ରାଇଭରମାନେ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ଓଡିଶା ଡ୍ରାଇଭର ମହାସଂଘ ଶାଖା, କୋରାପୁଟ ଜିଲା ଡ୍ରାଇଭର ମହାସଂଘ ଶାଖା, ଜୟପୁର ମୋଟର କର୍ମଚାରୀ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଷ୍ଟିୟରିଂ ଛାଡି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଡ୍ରାଇଭର ଦୁର୍ଘଟଣା ଘଟାଇଲେ ଡ୍ରାଇଭର ବର୍ତ୍ତିପାରିବେ ନାହିଁ। ୭ ଲକ୍ଷ ଜରିମାନା, ୧୦ ବର୍ଷ ଜେଲ ଭୋଗିବେ ବୋଲି ଆଇନରେ ବ୍ୟବସ୍ଥା ରହିଛି। ଏହାକୁ ଡ୍ରାଇଭରମାନେ ବିରୋଧ କରି ଢେପଗୁଡା ଠାରେ ଷ୍ଟିୟରିଂ ଛାଡି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଆଇନକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ସୂନାଯୋଗ୍ୟ, ଡ୍ରାଇଭରମାନଙ୍କ ଆନ୍ଦୋଳନ ଜାରି ରହିଲେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ପାଇବ। ଏବେ ଆରମ୍ଭରୁ ପେଟ୍ରୋଲ, ଡିଜେଲ, ଗ୍ୟାସ ସଙ୍କଟ ଦେଖାଗଲାଣି।

### ଦେଶୀ ମଦ ଚାଲାଣ, ୪ ଗିରଫ

ଜୟପୁର,୬।୧(ପବନ ପାଣିଗ୍ରାହୀ)–

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଚଢାଉ କରି ୪ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜୟନଗରର ନରସିଂହ ପରଜା, ବି.ମାଲିଗୁଡାର କବିରାଜ ଖିଲ, ଟାଙ୍କୁଆର ଯମୁନା କୁମାରି ଓ ବାମୁଣି ଗାଁର ପିଙ୍କି ହରିଜନ। ଏହି ୪ଜଣ ମଦ କାରବାର କୁଥିବା ସୂଚନା ପାଇ କର୍ମଚାରୀମାନେ ୪ଟି ସ୍ଥାନରେ ଚଢାଉ କରି ମଦ ଜବତ କରିଥିଲେ। ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର କହିଛନ୍ତି।

### ବିସ୍ଫୋରକ ସାମଗ୍ରୀ ସହ ଜଣେ ମାଓବାଦୀ ଗିରଫ

ମାଲକାନଗିରି, ୬।୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଡିଆରଜି, ବସ୍ତର ଫାଇଟର ଏବଂ ସିଆରପିଏଫର ମିଳିତ ଟିମ୍ ମାଓବାଦୀ ବିରୋଧୀ ଅପରେଶନ ପାଇଁ ଗଙ୍ଗାଲୁର ପୋଲିସ ଥାନା ଅନ୍ତର୍ଗତ କୁରୁଶ ଏବଂ ପୁସନାର ଅଞ୍ଚଳକୁ ଯାଇଥିଲେ। ଏହି ସମୟରେ କୁରୁଶ ଜଙ୍ଗଲରେ ପୋଲିସକୁ ଦେଖି ଖସି ପଳାଇଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯବାନ କାବୁ କରିଥିଲେ। ଗିରଫ ମାଓବାଦୀଙ୍କଠାରୁ ଏକ ବ୍ୟାଗରେ ଇଲେକ୍ଟ୍ରିକ୍ ଡିଟୋନେଟର, କର୍ଡେକ୍ସ ତାର, ଜିଲେଟିନ୍ ଷ୍ଟିକ୍, ସୁଇଚ୍ ଓ ନିଷିଦ୍ଧ ମାଓବାଦୀ ସଂଗଠନର ପ୍ରଚାର ସାମଗ୍ରୀ, ପାମ୍ଫଲେଟ୍ ଏବଂ ଅନ୍ୟାନ୍ୟ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ପଚରାଉଚରା ବେଳେ ସେ ମାଓବାଦୀ ସଙ୍ଗଠନରେ ଜନ ମିଲିସିଆ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ।

### ଭାଜପା ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

କାଲିମେଳା, ୬।୧ (ଜୀବନ କୃଷ୍ଣ ଦାସ)

କାଲିମେଳା ବ୍ଲକ ଏମ୍‌ଭି-୯୦ ଗ୍ରାମ ହରିମନ୍ଦିର ପ୍ରାଙ୍ଗଣରେ ଭାଜପା ପକ୍ଷରୁ କାଲିମେଳା ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଲୋକସଭା ପ୍ରଭାରୀ ମନିଞ୍ଜର ଆର୍ଯ୍ୟ, ଜିଲା ସଭାପତି ନିମାଇଁଚନ୍ଦ୍ର ପାଲ, ଜିଲା ଉପସଭାପତି ସପନ କୁମାର ରାୟ, ଏସ୍‌ଟି ମୋର୍ଚ୍ଚା ସଭାପତି ନରସିଂହ ମାଡକାମୀ, ଜିଲା ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଉତ୍ତମ କୁମାର ରାୟ,ଜିଲା କୋଷାଧ୍ୟକ୍ଷ ସଞ୍ଜୟ ସରକାରଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ୮ ପଞ୍ଚାୟତର ଭାଜପାର ଅନେକ ସାଙ୍ଗଠନିକ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଏବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ତୃଣମୂଳସ୍ତରରେ କର୍ମୀଙ୍କୁ ସଶକ୍ତ କରିବା, ବୁଥ୍ କମିଟି ଗଠନ ଉପରେ ଗୁରୁତ୍ୱ ଦେବା ସହ କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ଆଦି ବିଷୟରେ ନେତାମାନେ ପରାମର୍ଶ ଦେଇଥିଲେ। ଏଥିରେ ଅନେକ ନେତା କର୍ମୀ ଯୋଗ ଦେଇଥିଲେ।

# ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କପଡ଼ା ପୋଡ଼ି ପାଉଁଶ

- ଲୁଗାଦୋକାନରେ ଅଗ୍ନିକାଣ୍ଡ
- ପ୍ରଥମେ ବିସ୍ଫୋରଣ, ପରେ ଜଳିଗଲା

ସୁନାବେଡ଼ା/ସେମିଲିଗୁଡ଼ା,୬।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ସେମିଳିଗୁଡ଼ାରେ ଘଟିଥିବା ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଲୁଗାଦୋକାନ।

କୋରାପୁଟ ଜିଲା ସେମିଳିଗୁଡାସ୍ଥିତ ୟୁନିକ୍ କଲେକ୍ସନ୍ ନାମକ ଲୁଗାଦୋକାନରେ ଶନିବାର ପୂର୍ବାହ୍ନ ୧୧ଟାରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଦୋକାନରେ ଥିବା ୩୦ ଲକ୍ଷ ଟଙ୍କାର କପଡା ପୋଡ଼ି ପାଉଁଶ ହୋଇଯାଇଛି। ସେମିଳିଗୁଡା ଗୁରୁଦ୍ୱାର ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି କପଡା ଦୋକାନରେ ହଠାତ୍ ଏକ ବିସ୍ଫୋରଣ ହେବାର ଶବ୍ଦ ଶୁଭିଥିଲା। କେହି କିଛି ବୁଝିବା ପୂର୍ବରୁ ଦୋକାନରେ ଥିବା କପଡାଗୁଡିକ ଜଳିବାକୁ ଲାଗିଥିଲା। ଏହା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ସେମାନେ ତୁରନ୍ତ ଏନେଇ ସେମିଳିଗୁଡା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ପାର୍ଥ ସାରଥି ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ଅନ୍ୟ ୨ଟି ଅଗ୍ନିଶମ ଟିମ୍ ତଥା ହାଲ୍ ଅଗ୍ନିଶମ ଇନ୍‌ଚାର୍ଜ ଏସ୍‌ଆର୍ ସ୍ୱାଇଁ ଏବଂ ନନ୍ଦପୁର ଅଗ୍ନିଶମ ଅଧିକାରୀ ବିଶ୍ୱଜିତ ରାଉତ ନିଜ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟା ଲାଗି ନିଆଁକୁ ଆୟତ୍ତ କରଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ଶର୍ଟ ସର୍କିଟ୍‌ରୁ ଏପରି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅଗ୍ନିଶମ ବିଭାଗ ପକ୍ଷରୁ ଏହାର ତଦନ୍ତ ଜାରି ରହିଛି।

# ଜମିବାଡ଼ିକୁ କେନ୍ଦ୍ରକରି ଆକ୍ରମଣ, ଥାନାରେ ଏତଲା

ଦଶମନ୍ତପୁର,୬।୧ (ଅରବିନ୍ଦ ନାୟକ)



ଫାଇନ ବାନ୍ଧିଥିବା ପ୍ରମାଣପତ୍ର ଦେଖାଉଛନ୍ତି ବୃନ୍ଦା।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ମୁନ୍ଦାର ଗ୍ରାମରେ ଜମିବାଡିକୁ ନେଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ବ୍ୟକ୍ତି ଥାନାରେ ଏତଲା ଦେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଗ୍ରାମର ସନା କମାରଙ୍କ ପୁଅ ବୃନ୍ଦା(୪୫)। ସ୍ତ୍ରୀ ସୁଭଦ୍ରା ଓ ୩ ଝିଅପୁଅଙ୍କୁ ନେଇ ବୃନ୍ଦାଙ୍କ ସଂସାର। ସେ ଜଣେ ଭୂମିହୀନ। ବୃନ୍ଦାଙ୍କ ଗ୍ରାମରେ ଜମିବାଡ଼ି ନ ଥିବାରୁ ସେ ପୁରୁଣାପଦରରେ ଏକ ପଥୁରିଆ ଡଙ୍ଗରକୁ ଚାଷଜମିରେ ପରିଣତକରି ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସୁଆଁ, ମାଣ୍ଡିଆ, ଅଳସୀ, ଧାନ ଚାଷ କରି ପରିବାର ଚଳାଉଥିଲେ। ଦୀର୍ଘ ବର୍ଷ ଧରି ସେ ଏହାକୁ ଭୋଗ ଦଖଲକରି ଆସୁଥିବାରୁ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ୨୩।୧୧।୨୦୦୪ରେ ଇସି ନଂ. ୫୮/୨୦୦୪ରେ ଫାଇନ ବାନ୍ଧିବା ପାଇଁ ନାମ ପଞ୍ଜୀକରଣ କରିବାକୁ କୁହାଯାଇଥିଲା। ଫାଇନ ବାନ୍ଧିବା ପରେ ରାଜସ୍ୱ ବିଭାଗ ତାଙ୍କୁ ଏକ ଅସ୍ଥାୟୀ ପ୍ରମାଣପତ୍ର ଦେଇଥିଲା ବୋଲି ବୃନ୍ଦା କହିଛନ୍ତି। ତେବେ ତାଙ୍କର ଫାଇନ କଟାଯାଇଥିବା ସୂଚନା ପାଇ ମରିଚଗୁଡା ଗ୍ରାମର ଦୁର୍କୁ ମୁଦୁଲି ଓ କାଶୁ ମୁଦୁଲି ପହଞ୍ଚି ତାଙ୍କୁ ଆକ୍ରମଣକରି ଜାଗା ଛାଡି ଚାଲିଯିବାକୁ କହି ତାଙ୍କ ପରିବାକୁ ହତ୍ୟା ଧମକ ଦେଉଛନ୍ତି ବୋଲି ବୃନ୍ଦାଙ୍କ ସ୍ତ୍ରୀ ସୁଭଦ୍ରା ଅଭିଯୋଗ କରିଛନ୍ତି। ଏନେଇ ପିଣ୍ଡାପଦର ସରପଞ୍ଚ ନବୀନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ୨ ଖଣ୍ଡ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଆଲୋଚନା ବିଫଳ ହେବାରୁ ଗତ ୨୩।୧୨।୨୩ରେ ଆମେ ଥାନା ଓ ତହସିଲରେ ଅଭିଯୋଗ କରିଥିବା ସୁଭଦ୍ରା କହିଛନ୍ତି। ତେବେ ଏହି ଜମିବାଡିକୁ ନେଇ ଯଦି ମୋ ପରିବାରର କିଛି କ୍ଷତି ହୁଏ ତେବେ ଗଣ୍ଡଗୋଳ କରୁଥିବା ପରିବାର ଦାୟୀ ରହିବେ ବୋଲି ସୁଭଦ୍ରା କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ସୁକୁମା ହାଁସଦାଙ୍କୁ ପଚାରିବାରୁ ସେ କହିଲେ, ମାମଲା ତହସିଲଦାରଙ୍କ ନିକଟକୁ ପଠାଯାଇଛି। ସେ ଯାହା ପଦକ୍ଷେପ ନେବେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେସ୍ ନଂ. ୩୦/୨୪।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

## ଟ୍ରାକ୍ଟର-ବାଇକ୍ ଧକ୍କାରେ ୨ମୃତ ଘଟଣା

ନନ୍ଦପୁର, ୬।୧ (ଶଙ୍କର ପୂଜାରୀ)



ମୃତକଙ୍କ ପରିବାରକୁ ଅଧିକାରୀମାନେ ସହାୟତା ପ୍ରଦାନ କରୁଛନ୍ତି।

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଣ୍ଡୁଲୁଙ୍ଗ ପଞ୍ଚାୟତ ହାଟଗୁଡା ସେବାଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଟ୍ରାକ୍ଟର ଓ ବାଇକ ଧକ୍କା ହୋଇ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଜଣେ ଗୁରୁତର ହୋଇଥିଲେ। ଏହି ଘଟଣାରେ ଶନିବାର ସକାଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିକରି ମୃତକଙ୍କ ପରିବାର ଓ ଗ୍ରାମବାସୀ ପାଡୁଆ-ଶୋଭାପୁଟ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଆଲୋଚନା କରିଥିଲେ। ତ୍ୱରିତ ପଦକ୍ଷେପ ପୂର୍ବକ ମୃତକ ସୁକାନ୍ତ ଗାଲି ଓ ପ୍ରସାଦ ଖୁଡ଼ାଙ୍କ ପରିବାରଙ୍କୁ ରେଡକ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ସୁକାନ୍ତଙ୍କ ପରିବାରଙ୍କୁ ୧୦ହଜାର ଓ ରାଜେଶଙ୍କ ପରିବାରକୁ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫଳରେ ଘଟଣାସ୍ଥଳରୁ ଉତ୍ତେଜନା ପ୍ରଶମିତ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ପାଡୁଆ ଥାନାରେ ମାମଲା ରୁଜୁ କରାଯାଇ ଘଟଣାସ୍ଥଳରୁ ଖସିଯାଇଥିବା ଟ୍ରାକ୍ଟରକୁ ପାଡୁଆ ପୁଲିସ ଜବତ କରିଛି। ଆନ୍ଧ୍ର ଅଞ୍ଚଳରୁ ଟ୍ରାକ୍ଟରକୁ ଲିଜ୍‌ରେ ଆଣି ସ୍ଥାନୀୟ ଅଞ୍ଚଳରେ କାମରେ ଲଗାଇଥିବା ସୁରେଶ ପାଙ୍ଗୀଙ୍କୁ ପୋଲିସ ପଚରାଉଚରା କରୁଥିବା ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି। ମୃତଦେହର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଶ୍ୱ କଲ୍ୟାଣ ସମିତିର ମହା ମୃତ୍ୟୁଞ୍ଜୟ ମନ୍ତ୍ର,ହୋମଯଜ୍ଞ

କୋରାପୁଟ,୬।୧ (ଅମିତାଭ ବେହେରା)

ବିଶ୍ୱକଲ୍ୟାଣ ସମିତି ପକ୍ଷରୁ କୋରାପୁଟ ଜିଲାର ଗୁପ୍ତେଶ୍ୱର ପୀଠରେ ଆୟୋଜିତ ୧୦୮ କୋଟି ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ହୋମ ଯଜ୍ଞ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱକଲ୍ୟାଣ ସମିତିର ପ୍ରତିଷ୍ଠାତା ଯୋଗୀ ଶ୍ରୀଚୈତନ୍ୟ ରାମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କୋରାପୁଟ ଜିଲା ସମେତ, ରାୟଗଡା, ଉତ୍ତର ପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ ଓ ଦୀକ୍ଷା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଶ୍ୱ କଲ୍ୟାଣ ସମିତିର ସଭ୍ୟ ଲଳିତ ମୋହନ ପଟ୍ଟନାୟକ, ଆଲୁ ଶଙ୍କର ରାଉଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏହି ମହା ମୃତ୍ୟୁଞ୍ଜୟ ମନ୍ତ୍ରର ବିଭିନ୍ନ କାର୍ଯ୍ୟକ୍ରମ ଭାରତର ବିଭିନ୍ନ ଶିବ ମନ୍ଦିରରେ ଅନୁଷ୍ଠିତ ହେବ ବୋଲି ବିଶ୍ୱ କଲ୍ୟାଣ ସମିତି ପକ୍ଷରୁ କୁହାଯାଇଛି।

# ଏକମ୍ବା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଜୟପୁର,୬।୧ (ପବନ ପାଣିଗ୍ରାହୀ)

ଏକମ୍ବାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବର ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜ୍ୟୋସ୍ନା ମିଶ୍ର ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ମୋତି ଶୁଣ୍ଡି ଓ ସାମାଜିକ କର୍ମୀ ଜୟପୁର ମିଲର ଆସୋସିଏଶନ ସଭାପତି ରାମନାଥ ପାଣିଗ୍ରାହୀ, ଏସ୍‌ଏମ୍‌ଡିସି ସଭ୍ୟ ଲଇଛନ ହରିଜନ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ବିଜୟୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ କ୍ରୀଡ଼ା ପରିଚାଳନା କରିଥିଲେ। ବିଦ୍ୟାଳୟର ବି. ନଳିନୀ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାସ ଓ ବାଳଗୋପାଳ ମିଶ୍ର ସହଯୋଗ କରିଥିଲେ।

# ବାଘନଖ, ଦାନ୍ତ ସହ ବାଘଚେଲ ଜବତ: ଜଣେ ଗିରଫ

ମାଲକାନଗିରି,୬।୧ (ଦୁର୍ଯ୍ୟୋଧନ ପାତ୍ର)



ଜବତ ବାଘଛାଲ।

ବାଘନଖ, ବାଘଦାନ୍ତ ଓ ବାଘଚେଲ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶୁକ୍ରବାର ଏହାକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ଗିରଫ ହୋଇଛନ୍ତି। ସେ ହେଲେ ମାଥିଲି ବନାଞ୍ଚଳର ରବି ଶବର। ତାଙ୍କ ନିକଟରୁ ୧୮ଟି ବାଘନଖ, ୬ଟି ବାଘଦାନ୍ତ ଏବଂ ୫୦୦ ମି.ଲି.ବାଘଚେଲ କର୍ମଚାରୀମାନେ ଜବତ କରିଛନ୍ତି। ଏ ସମ୍ପର୍କରେ ରବିଙ୍କୁ ପଚରାଉଚରା କରାଯାଉଛି। ସେ କହିଛନ୍ତି, ବିହାରରୁ କେତେଜଣ ବ୍ୟକ୍ତି ଆସି ମାଥିଲି ବ୍ଲକ ସାଲିମି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଛନ୍ତି। ରାତିରେ ସେମାନେ ଗ୍ରାମଗୁଡ଼ିକରୁ ମହୁ ସଂଗ୍ରହ କରିବା ବାହାନାରେ ବାଘ ଶିକାରକରି ଅନ୍ୟତ୍ର ଚାଲାଣ କରୁଥିବା ପଚରାଉଚରା ବେଳେ ରବି କହିଛନ୍ତି। ଏ ଦିଗରେ ଏକ ର‍୍ୟାକେଟ୍ କାର୍ଯ୍ୟ କରୁଥିବା ବନ ବିଭାଗ କର୍ମଚାରୀମାନେ ସନ୍ଦେହ କରୁଛନ୍ତି। ଏଥିସହ ନବରଙ୍ଗପୁର ଜିଲାରେ ମଧ୍ୟ କେତେଜଣ ରହି ତାଙ୍କର ଆଧାର ନମ୍ବର ବଦଳାଇ ଏପରି କାର୍ଯ୍ୟ କରୁଥିବା ରବି ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ରବିଙ୍କୁ ଗିରଫକରି ଶୁକ୍ରବାର ମାଥିଲି ଜେଏମ୍‌ଏଫ୍‌ସି କୋର୍ଟଚାଲାଣ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ମାଥିଲିବନାଞ୍ଚଳ ପକ୍ଷରୁ କୁହାଯାଇଛି।

# ଏମ୍‌ଭି ୭୯ରେ ସଡ଼କ ସୁରକ୍ଷା ସପ୍ତାହ

ଏମ୍‌ଭି ୭, ୬।୧ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି ୭୯ ସ୍ଥାନୀୟ ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ରାଜ୍ୟ ସଡ଼କ ପରିବହନ ବିଭାଗର ଆହ୍ୱାନକ୍ରମେ ସ୍ଥାନୀୟ ଥାନା ଅଧିକାରୀମାନଙ୍କ ସହଯୋଗରେ ସଡ଼କ ନିରପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଡ. ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟର ପ୍ରାୟ ୩୦୦ ଶହ ଛାତ୍ରୀଛାତ୍ର ପ୍ଲାକାର୍ଡ, ବ୍ୟାନର ଓ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ରାସ୍ତାରେ ଜନସାଧାରଣଙ୍କ ମଧ୍ୟରେ ହେଲ୍‌ମେଟ ବ୍ୟବହାର ଓ ଅନ୍ୟାନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଇଆଇସି ସୁବାସ କର୍କରା, ଏମ୍‌ଭିଆଇ ବନ ପ୍ରତାପ କୁଞ୍ଜ,ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢୀ, ଏମ୍‌ଭି ୭୯ ଥାନାର ଅନ୍ୟାନ୍ୟ ଅଧିକାରୀ ଭାଗ ନେଇଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବିଶଙ୍କର ବାରିକ, ଲୋକନାଥ ମହାକୁଡ଼, ସନ୍ତୋଷ ପ୍ରହରାଜ, ରିଙ୍କି ବାରିକ ଓ ଭରତ ଚନ୍ଦ୍ର ପଣ୍ଡା ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ଆରମ୍ଭରେ ଆଇଆଇସି,ଏମ୍‌ଭିଆଇ ଓ ଅଧ୍ୟକ୍ଷ ପ୍ରମୁଖ ସଡ଼କସଚେତନତା ସମ୍ପର୍କରେ ବୁଝାଇଥିଲେ।

# ୩ ଦିନ ହେଲା ଡ୍ରାଇଭର ମହାସଂଘର ଆନ୍ଦୋଳନ



ଅନଶନରେ ବସିଥିବା ଡ୍ରାଇଭରମାନେ।

ମାଥିଲି,୬।୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ୩ ଦିନ ହେଲା ହିଟ୍ ଆଣ୍ଡ ରନ୍ ମାମଲାରେ କେନ୍ଦ୍ର ସରକାର ଲାଗୁ କରିବାକୁ ଯାଉଥିବା ଆଇନକୁ ଡ୍ରାଇଭର ମହାସଂଘ ବିରୋଧ କରିଛି। ମହାସଂଘ ଆହ୍ୱାନକ୍ରମେ ୩ ଦିନ ହେଲା ମାଥିଲି ବ୍ଲକର ଶତାଧିକ ଡ୍ରାଇଭର ଦୁର୍ଗା ମଣ୍ଡପ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଚଳାଇଛନ୍ତି। ଶତାଧିକ ଡ୍ରାଇଭର କେନ୍ଦ୍ର ସରକାରଙ୍କ ଏହି ନିୟମ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ହିଟ୍ ଆଣ୍ଡ ରନ୍ ମାମଲାରେ ଜଣେ ଡ୍ରାଇଭରଙ୍କୁ ୧୦ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନାକୁ ଡ୍ରାଇଭରମାନେ କଡ଼ା ବିରୋଧ କରିଛନ୍ତି। ସେମାନେ ଅଳ୍ପ ଦରମାରେ ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହି କଠୋର ନିୟମ ଲାଗୁ କରାଗଲେ ସେମାନେ ବେଶି କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା କରୁଛନ୍ତି। ମାଥିଲି ବ୍ଲକ ଡ୍ରାଇଭର ମହାସଂଘ ସଭାପତି କେ. ଶିବପ୍ରସାଦ, ଉପ ସଭାପତି ଗୁରୁଚରଣ ଭୂମିଆଙ୍କ ସମେତ ମାଥିଲି ବ୍ଲକର ୨୦ ପଞ୍ଚାୟତରୁ ଆସିଥିବା ଏହି ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ହୋଇ ନାରାବାଜି କରୁଛନ୍ତି। ଫଳରେ ପରିବହନ ସେବା ଠପ୍ ହୋଇଯାଇଛି। ଦରଦାମ ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ତେଣୁ ଏହି ଆଇନକୁ ତୁରନ୍ତ କେନ୍ଦ୍ର ସରକାର ପ୍ରତ୍ୟାହାର କରନ୍ତୁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ପାଠ ପଢ଼ାଇଲେ ଅତିରିକ୍ତ ଜିଲାପାଳ

ମାଲକାନଗିରି, ୬।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ କୋରୁକୋଣ୍ଡାରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ପରିଦର୍ଶନକରି ବିଦ୍ୟାଳୟରେ ସମୀକ୍ଷା କରିବା ସହ ମୌଳିକ କର୍ତ୍ତବ୍ୟ ଏବଂ ଅଧିକାର ବିଷୟରେ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଏବଂ ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ରହି ଅତିରିକ୍ତ ଜିଲାପାଳଙ୍କୁ ସ୍ୱାଗତ କରିବା ସହ ଛାତ୍ରୀଛାତ୍ରଙ୍କୁ ନୀତିବାଣୀ ଦେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଥମ ଥର ପାଇଁ କୋରୁକୋଣ୍ଡାରେ +୨ କଳା ଖୋଲିଥିବାରୁ ଅତିରିକ୍ତ ଜିଲାପାଳ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ବିଦ୍ୟାଳୟ ଏବଂ ଗ୍ରାମର ନାମ ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଧାନ ପିଲାଙ୍କୁ ସଫଳତା ହାସଲ ଦିଗରେ କିଛି ଟିପ୍ସ ଦେଇଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍‌ର ପରାମର୍ଶଦାତା ହରିସ ଏବଂ ଜିଲା ରେଡକ୍ରସ୍‌ର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ମଧ୍ୟ ସ୍ୱାଗତ କରିଥିଲେ।



ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ପିଲାଙ୍କୁ ପାଠ ପଢାଉଛନ୍ତି।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବାର୍ଷିକ କ୍ରୀଡ଼ା

ମାଥିଲି,୬।୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଉତ୍ସବକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକର ୨୦ ପଞ୍ଚାୟତ ଅନ୍ତର୍ଗତ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ଅଭିଭାବକ, ଶିକ୍ଷକ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ବାଟି ଚାମଚ ରେସ୍, ଦୌଡ ପ୍ରତିଯୋଗିତା, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଅନ୍ତାକ୍ଷରୀ, ଜିଲାପି ଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ସୁମିତ ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପ୍ରଶଂସା କରାଯାଇ ପୁରସ୍କାର ବାବଦକୁ ୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବ୍ଲକ ଭାରପ୍ରାପ୍ତ ଅନ୍ତର୍ଭୁକ୍ତବେଶୀ ସାଧନ ସଂଯୋଜକ ରତ୍ନାକର ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା ହୋଇଥଲା। ବରିଷ୍ଠ ଶିକ୍ଷକ ଜୟନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଗୁଲୁନା ସାହୁ, ବିଶ୍ୱ ପାଣ୍ଡେ ସମ୍ବଳ କର୍ମୀ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ବିରଜା ଶଙ୍କର ବେହେରା, ଯୋଗେନ୍ଦ୍ର ମଲ୍ଲିକ, ରାଜୀବ ଖେମୁଡୁ, ଅନ୍ତର୍ଯାମୀ ମଲ୍ଲିକ, ଭୁବନ ନାୟକ, ନାଗେଶ ଆୟର ଓ ବିକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମସ୍ତିଷ୍କ ପକ୍ଷାଘାତ, ମାନସିକ ଅନଗ୍ରସର, ବହୁବିଧ ଦିବ୍ୟାଙ୍ଗମାନଙ୍କୁ ଶିକ୍ଷଣ ଉପକରଣ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସେଠୀ, ଶିକ୍ଷୟିତ୍ରୀ ସସ୍ମିତା ନାୟକ, ପୁଷ୍ପାରାଣୀ ବିଶୋଇ, ରଶ୍ମିତା ରାଉତ,କେ. ୱାରାଲକ୍ଷ୍ମୀ, ଶିକ୍ଷକ ନାରାୟଣ ବେହେରା ଓ ବିଶ୍ୱନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ସେକ୍ସନ ୟୁଟିଲିଟି କାର୍ଯ୍ୟାଳୟରେ ହେଉଛି ନିମ୍ନମାନର କାର୍ଯ୍ୟ

ବାଲିମେଳା,୬।୧ (ଶିବଦତ୍ତ ସାହୁ)

ବଳିମେଳା ଓଡ଼ିଶା ଜଳବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟାଳୟ ଅଧୀନରେ କରାଯାଉଥିବା ଠିକା କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଛି। ସେକ୍ସନ ୟୁଟିଲିଟି ଅଫିସ ପରିସରରେ ନବୀକରଣ ଓ ମରାମତି କାର୍ଯ୍ୟ ପାଇଁ ବିଗତ ଦିନରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। କାର୍ଯ୍ୟ ବାବଦକୁ ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ଠିକାଦାର ଚିତ୍ତରଞ୍ଜନ ସରକାର ଟେଣ୍ଡର ପାଇଥିବା ବେଳେ ବର୍ତ୍ତମାନ ଏହି କାର୍ଯ୍ୟ କରାଯାଉଛି। ତେବେ ସେଠାରେ ହେଉଥିବା କାର୍ଯ୍ୟରେ କ୍ରଶର ମେଟାଲ ବଦଳରେ ହାତବାଡିଆ ମେଟାଲ, ନିମ୍ନମାନର ସିମେଣ୍ଟ ଓ ବାଲି ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି କାର୍ଯ୍ୟ ସ୍ଥଳରେ ବିଭାଗୀୟ ଅଧିକାରୀ ତଥା ଜନ୍ତ୍ରୀ ଆଦୌ ରହୁ ନ ଥିବାରୁ ଏହିପରି କାମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସରକାରୀ ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି ୧୮ ବର୍ଷରୁ କମ ଯୁବକମାନଙ୍କୁ କାମରେ ନିଯୋଜିତ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏନେଇ ବିଭାଗୀୟ ଅଧିକାରୀ ଉକ୍ତ ଠିକାଦାରଙ୍କୁ ଏକ ନୋଟିସ କରି ଉକ୍ତ ସିମେଣ୍ଟ ବ୍ୟବହାର ନ କରିବା ଓ ୧୮ ବର୍ଷ ବୟସରୁ କମ୍ ଯୁବତୀଯୁବକଙ୍କୁ କାମରେ ନିଯୋଜିତ ନ କରିବାକୁ ତାଗିଦ କରିଛନ୍ତି। ହେଲେ ଏହା ସତ୍ତ୍ୱେ ମଧ୍ୟ ପୂର୍ବ ପରି ନିମ୍ନମାନର କାମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

ଏନେଇ ବିଭାଗୀୟ ଅଧିକାରୀ ଭିକାରୀ ଚରଣ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ କାର୍ଯ୍ୟ ତଦାରଖ ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନାହାନ୍ତି। ଏହାର ତଦାରଖ ଦାୟିତ୍ୱ ତାଙ୍କର ହୋଇଥିବା ବେଳେ ଯନ୍ତ୍ରୀ ଆସିଲେ ଏହାର ତଦାରଖ କରିବେ। ଏନେଇ ଆମେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଦାସଙ୍କୁ ପଚାରିବାରୁ ମୋର ସ୍ୱାସ୍ଥ୍ୟଗତ ଓ ବ୍ୟକ୍ତିଗତ ସମସ୍ୟା ଯୋଗୁ ମୁଁ ଛୁଟିରେ ଅଛି। ଖୁବ୍ ଶୀଘ୍ର କାର୍ଯ୍ୟ ସ୍ଥଳରେ ପହଞ୍ଚି ଏହାର ତଦାରଖ କରି ଅନିୟମିତତା ହୋଇଥିଲେ ପଦକ୍ଷେପ ନେବେ ବୋଲି କହିଛନ୍ତି। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଓ ଅଧିକାରୀମାନେ ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର

- କ୍ରଶର ମେଟାଲ ବଦଳରେ ହାତ ବାଡିଆ ପଥରରେ କାମ
- ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଅଞ୍ଚଳବାସୀ

## ସଂକ୍ଷେପରେ

### ଦୁର୍ଗୀରେ ଏୟାରଟେଲ୍ ସେବା ଆରମ୍ଭ

ଦୁର୍ଗୀ, ୬ା୧ (ଶିଶିର ପାତ୍ର)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀଠାରେ ଏୟାରଟେଲ୍ ସେବା ଆରମ୍ଭ ହୋଇଛି। ବିଜେଡି ଜିଲା ସଭାପତି ସୁଧୀର ଦାସ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅତ୍ୟାଧୁନିକ ଟେଲିକମ୍ ସର୍ଭିସ ସହ ଦୁର୍ଗୀ ମଧ୍ୟ ଯୋଡି ହୋଇଛି। ଯେଉଁଠି ୪-ଜି ସେବା ଉପଲବ୍ଧ ହେଉଥିଲା ତାହା ଆଗାମୀ ଦିନରେ ୫-ଜି ସେବା ଦୁର୍ଗୀରେ ଆରମ୍ଭ ହେବ ବୋଲି ଏୟାରଟେଲ୍ ପକ୍ଷରୁ ସୂଚନା ମିଳିଛି।

### ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଡାବୁଗାଁ, ୬ା୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ପିଏମ୍‌ଇଜିପି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶିଳ୍ପି ଉନ୍ନତି ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜନସୁରକ୍ଷା ଯୋଜନା, ମୋ ଘର, ପିଏମ୍ କିଷାନ, ଭିନ୍ନକ୍ଷମ ଋଣ, ବଳରାମ ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ଯୋଜନା ଉପରେ ଆଲୋଚନା ହୋଇଛି। ବୈଠକରେ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡା, ଏସ୍‌ବିଆଇ ଡାବୁଗାଁ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଏନ. ଲୋକନାଥ ରେଡ୍ଡୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମିଶନଶକ୍ତି ବିପିଏ ନବୀନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଅଜଗର ଉଦ୍ଧାର

ଚନ୍ଦାହାଣ୍ଡି, ୬ା୧ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ବାଟପଡ଼ା ଗ୍ରାମ ନିକଟସ୍ଥ ଏକ ଜମିରୁ ପ୍ରାୟ ୬ ଫୁଟ ଲମ୍ବ ଏକ ଅଜଗର ସାପକୁ ସ୍ଥାନୀୟ ଯୁବକମାନେ ଦେଖି ବେନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଚନ୍ଦାହାଣ୍ଡି ଫରେଷ୍ଟର ବିପିନ ହରିଜନ, ଫରେଷ୍ଟଗାର୍ଡ ପରେଶ ବିଷୋୟୀ, ତାପସ ଦାସ, କାନ୍ତ ନାଗ, ଏମ୍‌ଡି ଫାରୁକ ବାଟପଡା ପହଞ୍ଚି ଅଜଗରକୁ ଉଦ୍ଧାର କରି ପାନାବେଡା ରିଜର୍ଭ ଫରେଷ୍ଟରେ ଛାଡ଼ିଥିଲେ।

### ଅକ୍ଷତ କଳସକୁ ସ୍ୱାଗତ

ତେନ୍ତୁଳିଖୁଣ୍ଟି ୬ା୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶନିବାର ଅକ୍ଷତ କଳସକୁ ବିଭିନ୍ନ ପଞ୍ଚାୟତରେ ସ୍ୱାଗତ କରାଯାଇଛି। ଗୌଡ଼ ଦେଓପାଲ୍ଲୀ, ପରଜାବାରଙ୍ଗପଦର, ଦିଗିସଲପା ଓ ଲମତାଗୁଡ଼ା ପଞ୍ଚାୟତରେ ଅକ୍ଷତ କଳସ ଏବଂ ନିମନ୍ତ୍ରଣ ପତ୍ରକୁ ବନ୍ଦାପନା କରାଯାଇଥିଲା। ସ୍ଥାନୀୟ ମନ୍ଦିରରେ ରଖି ଗ୍ରାମଗୁଡିକରେ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ପାଇଁ ଉପସ୍ଥିତ ଗ୍ରାମବାସୀ ମାନେ ଆଲୋଚନା କରିଥିଲେ। ଲମତାଗୁଡା ଛକରେ ଅଞ୍ଚଳବାସୀ ହୁଳହୁଳି, ଶଙ୍ଖ ଧ୍ୱନି, ଜୟ ଶ୍ରୀରାମ ନାରାରେ ଅକ୍ଷତ କଳସକୁ ସ୍ୱାଗତ କରିବା ପରେ ଗାଁପରିକ୍ରମା କରାଯାଇଥିଲା। ପରିକ୍ରମା ପରେ କଳସକୁ ଲମତାଗୁଡା ଶିବ ମନ୍ଦିରରେ ରଖାଯାଇଛି। ରାମମନ୍ଦିର ପ୍ରତିଷ୍ଠା ପୂର୍ବରୁ ପ୍ରତ୍ୟେକ ଘରେ ନିମନ୍ତ୍ରଣ ପତ୍ର ସହ ଅକ୍ଷତ ଚାଉଳ ପହଞ୍ଚାଯିବ। ଏଥି ସହ ମନ୍ଦିର ପ୍ରତିଷ୍ଠା ଦିନ ଘରେଘରେ ଦୀପ ଜଳାଇବାକୁ ନିବେଦନ କରାଯାଇଛି।

# ରାଜନୈତିକ ଦଳଙ୍କ ଟାର୍ଗେଟ ମହିଳା ଭୋଟବ୍ୟାଙ୍କ

ରାୟଗଡ଼ା,୬ା୧ (ଆଶିଷ ରଞ୍ଜନ ପଣ୍ଡା)


ବିଜେଡି, ଭାଜପା ଓ କଂଗ୍ରେସ ପ୍ରତିନିଧିମାନେ ଭୋଟର ତାଲିକା ଗ୍ରହଣ କରୁଛନ୍ତି ।

ଭୋଟର ତାଲିକା ସଂଶୋଧନ ଏବଂ ନୂତନ ପଞ୍ଜୀକରଣ ପରେ ଶୁକ୍ରବାର ଭୋଟର ତାଲିକା ପ୍ରକାଶ ପାଇଛି । ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ଉନ୍ମୋଚନ କରାଯାଇଥିଲା। ଏଥିରେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଭୋଟର ତାଲିକା ଗ୍ରହଣ କରିଥିଲେ। ଜିଲାରେ ଚଳିତ ଥର ୭ଲକ୍ଷ ୪ହଜାର ୫୦୩ ଭୋଟର ଥିବା ନିର୍ବାଚନ ଅଧିକାରୀଙ୍କ ସୂଚନାରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଜାନୁଆରୀ ୫ ସୁଦ୍ଧା ଜିଲାରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ରହିଛନ୍ତି । ପୁରୁଷ ଭୋଟର ସଂଖ୍ୟା ୩ଲକ୍ଷ ୩୧ହଜାର ୮୪୪ ହୋଇଥିବା ବେଳେ ମହିଳା ଭୋଟର ସଂଖ୍ୟା ୩ଲକ୍ଷ ୭୨ହଜାର ୪୭୪ । ପୁରୁଷଙ୍କ ଅପେକ୍ଷା ୪୦ହଜାର ୬୩୦ ମହିଳା ଭୋଟର ସଂଖ୍ୟା ଅଧିକ ରହିଛନ୍ତି। ସେହିଭଳି ୧୮୫ ଟ୍ରାନ୍ସଜେଣ୍ଡର ଭୋଟର ଥିବା ଜଣାପଡ଼ିଛି।

ରାୟଗଡ଼ା ଜିଲାର ୩ ନିର୍ବାଚନମଣ୍ଡଳୀ ରାୟଗଡ଼ା, ବିଷମକଟକ ଓ ଗୁଣପୁରରେ ସର୍ବାଧିକ ମହିଳା ଭୋଟର ରହିଛନ୍ତି । ତେବେ ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀ ଅପେକ୍ଷା ରାୟଗଡ଼ା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୨ଲକ୍ଷ ୫୦ହଜାର ୫୬୬ ଭୋଟର ରହିଛନ୍ତି । ସେଥିରୁ ୧ଲକ୍ଷ ୧୮ହଜାର ୩୨୩ ପୁରୁଷ, ୧ଲକ୍ଷ ୩୨ହଜାର ୧୪୬ ମହିଳା ଏବଂ ୯୭ ଟ୍ରାନ୍ସଜେଣ୍ଡର ଭୋଟର ଅଛନ୍ତି। ସେହିଭଳି ବିଷମକଟକ ନିର୍ବାଚନମଣ୍ଡଳୀର ମୋଟ ୨ଲକ୍ଷ ୩୨ହଜାର ୪୪୨ ଭୋଟର ମଧ୍ୟରୁ ୧ଲକ୍ଷ ୬ହଜାର ୮୩୭ ପୁରୁଷ, ୧ଲକ୍ଷ ୨୫ହଜାର ୫୬୬ ମହିଳା ଏବଂ ୩୯ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି। ଗୁଣପୁର ନିର୍ବାଚନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨ଲକ୍ଷ ୨୧ହଜାର ୪୯୫ ଥିବା ବେଳେ ସେଥିରୁ ୧ଲକ୍ଷ ୬ହଜାର ୬୮୪ ପୁରୁଷ, ୧ଲକ୍ଷ ୧୪ହଜାର ୭୬୨ ମହିଳା ଏବଂ ୪୫ଜଣ ଟ୍ରାନ୍ସଜେଣ୍ଡର ଭୋଟର ରହିଛନ୍ତି । ୩ଟି ନିର୍ବାଚନମଣ୍ଡଳୀରେ ମହିଳା ଭୋଟର ସଂଖ୍ୟା ଅଧିକ ଥିବାରୁ ଏଥର ସମସ୍ତ ରାଜନୈତିକ ଦଳ ମହିଳା ଭୋଟରଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଯୋଜନା ଜାରି ରଖିଛନ୍ତି । ତେବେ ଚଳିତ ଥର ୩ ନିର୍ବାଚନମଣ୍ଡଳୀ ମଧ୍ୟରୁ କେଉଁଠାରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡ଼ି, ଭାଜପା ଓ କଂଗ୍ରେସ ମହିଳା ପ୍ରାର୍ଥୀ ଦେବାର ଯୋଜନା କରୁଛନ୍ତ। ତାହା ଦେଖିବାକୁ ବାକି ରହିଲା । ଜିଲାରେ ମହିଳା ଭୋଟରଙ୍କ ସଂଖ୍ୟା ୬୯.୮୫% ଥିବା ବେଳେ ପୁରୁଷଙ୍କ ସଂଖ୍ୟା ୬୧.୭୦% ରହିଛି ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମୁନିଗୁଡା, ୬ା୧ (ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ମୁନିଗୁଡା ଥାନା ଗୋଡିଗୁଡା ଗ୍ରାମ ନିକଟସ୍ଥ ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି ମୁନିଗୁଡା ପୋଲିସ। ମୃତକ ହେଲେ କଳାହାଣ୍ଡି ଜିଲା ଖରିଆର ଥାନା ଅନ୍ତର୍ଗତ ଢୁକୁଲା ଗ୍ରାମର କିରଣ ମାଝି। ଶନିବାର ସକାଳୁ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସମୟରେ ନିକଟରେ ଥିବା ଗୋଟିଏ ବ୍ୟାଗରୁ କେତେକ ପ୍ରେସ୍‌କ୍ରିପ୍‌ସନରୁ ଯୁବକ ଜଣକ କିରଣ ମାଝି ବୋଲି ଜଣାପଡିଥିଲା । ଏହି ତଥ୍ୟକୁ ଆଧାର କରି ପୋଲିସ ପରିବାରକୁ ଖବର ଦେଇଥିଲା। ପରିବାର ଲୋକଙ୍କ କହିବା ଅନୁଯାଇ କିରଣ ସାମାନ୍ୟ ମାନସିକ ରୋଗୀ ଥିଲେ। ସେ ତିରୁପତି ସହରର ଏକ ଘୋରେଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ କାହିଁକି ମୁନିଗୁଡା ଆସିଲେ ଓ ଆତ୍ମହତ୍ୟା କଲେ ତାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ମୃତଦେହ ଜବତକରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛି। ରବିବାର ବ୍ୟବଚ୍ଛେଦ କରି ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# କପିଳାସ ଛକରୁ ମୃତଦେହ ଜବତ

ରାୟଗଡ଼ା,୬ା୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର କପିଳାସ ଛକ ନିକଟରୁ ଶନିବାର ସକାଳ ୯ଟାରେ ପୋଲିସ ଏକ ଅଜଣା ମୃତଦେହ ଜବତ କରିଥିଲା। ଖବର ପାଇ ରାୟଗଡ଼ା ଟାଉନ ଥାନା ଏସ୍‌ଆଇ ସୁନୀତା ବୁରୁଡ଼ା ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ମୃତବ୍ୟକ୍ତି ଜଣକ ରାସ୍ତାକଡ଼ରେ ପଡ଼ୁଥିବା ପ୍ଲାଷ୍ଟିକ ଓ ପଲିଥିନ୍ ଗୋଟାଳି ବୋଲି ଚିହ୍ନଟ ହୋଇଥିଲେ ସୁଦ୍ଧା ତାଙ୍କ ପ୍ରକୃତ ପରିଚୟ ମିଳିପାରିନାହିଁ। ବ୍ୟବଚ୍ଛେଦ ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି । ବ୍ୟକ୍ତିଙ୍କ ପରିଚୟ ମିଳିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ପ୍ରବଳ ଶୀତରେ କମ୍ବଳ କିମ୍ବା କୌଣସି ଶୀତବସ୍ତ୍ର ନ ଥିବାରୁ ଶୀତରେ ମୃତ୍ୟୁ ହୋଇଥିବା ସନ୍ଦେହ ହୋଇଛି ।

# ପଞ୍ଚାୟତସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର



ଶିବିରରେ ମଞ୍ଚାସୀନ ଅତିଥିମାନେ ।

ରାୟଗଡ଼ା, ୬ା୧ (ଭାଗ୍ୟଶ୍ରୀ ମିଶ୍ର)

**ଉପସ୍ଥିତ ନ ଥିଲେ ବିଭାଗୀୟ ଅଧିକାରୀ**

ରାୟଗଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରାୟଗଡା ଜିଲା ନିୟୋଜନ ସଂସ୍ଥା ଓ ପଞ୍ଚାୟତ ସମିତିର ମିଳିତ ସହଯୋଗରେ ରାୟଗଡା ପଞ୍ଚାୟତସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୌଣସି ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ଦେଖା ନ ମିଳିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବିରରେ ୨୮ଟି ପଞ୍ଚାୟତରୁ ୫ମ ଶିକ୍ଷା କରିଥିବା ଏବଂ ୧୮ରୁ ୩୫ ବର୍ଷ ମଧ୍ୟରେ ଥିବା ୧୯୧ ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ୯ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ନିଯୁକ୍ତି ନିଶ୍ଚିତତା ପ୍ରଦାନ ପୂର୍ବକ ଶିବିରରେ ଯୋଗ ଦେଇଥିଲେ। ଏହି ସଂସ୍ଥାଗୁଡିକ ହେଲା ଯୁଜିଏମଆଇଟି,ଏଲଏନଟି କଟକ, ଗ୍ରାମ ତରଙ୍ଗ ଗୁଣୁପୁର,ସିଟିସିସି ରାୟଗଡା, ସିପେଟ୍ ପାରାଦୀପ, ଜେକେ ଟ୍ରଷ୍ଟ, ପ୍ରଭେଜ ଆଗ୍ରୋଟେକ, ସରକାରୀ ଆଇଟିଆଇ ରାୟଗଡା,ସାହାନା ପ୍ରମୁଖ ସାମିଲ ହୋଇଥିଲେ। ସଂସ୍ଥାଗୁଡିକ ନିଜ ନିଜ ଅନୁଷ୍ଠାନରେ ମିଳୁଥିବା ସୁବିଧା ସମ୍ପର୍କରେ ଯୁବତୀଯୁବକମାନଙ୍କୁ ବୁଝାଇଥିଲେ। ରାୟଗଡା ଜିଲା ନିୟୋଜନ ସଂସ୍ଥା ପକ୍ଷରୁ ଶିବମ ମିଶ୍ରଙ୍କ ସହିତ ବିଭାଗୀୟ ଅଧିକାରୀ ସନ୍ତୋଷ ନନ୍ଦ, ରାଜେଶ ଦାସ, ରାୟଗଡା ପଞ୍ଚାୟତ ସମିତି ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା କମଳନୀ ପାଢୀହାରି ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

ବିଷମ କଟକ, ୬ା୧ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ମା'ମାର୍କମା ମହାବିଦ୍ୟାଳୟ ପଡିଆରେ ୩ଦିନ ଧରି ଚାଲିଥିବା ନୂଆ-ଓ କ୍ରୀଡ଼ା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ରୂପେ ପଛୁଆ ବର୍ଗ ଅନୁସୂଚିତ ଜାତି, ଜନଜାତିର ପୃଥୀରାଜ ସାହୁ, ବିଡିଓ ସଦାଶିବ ନାୟକ, କୁଲି ସରପଞ୍ଚ ସୁବୁଦ୍ଧିନୀ ୱଡକା ଉପସ୍ଥିତ ଥିଲେ। ସିଆରସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡାର ଉନ୍ନତି ଏବଂ ଗ୍ରାମାଞ୍ଚଳରେ ରହିଥିବା ଖେଳାଳିମାନଙ୍କ ପ୍ରତିଭାର ବିକାଶ ଲାଗି ସୁଯୋଗ ସୁଯୋଗ ସୃଷ୍ଟି କରିବା ଏହି ନୂଆ-ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି ହୁଇକା ପ୍ରକାଶ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା କେବଳ ବ୍ଲକ ସ୍ତରରେ ସୀମିତ ରହିବ ନାହିଁ ଏହା ଜିଲା ଏବଂ ରାଜ୍ୟସ୍ତରରେ ଖେଳିବା ଲାଗି ଖେଳାଳିଙ୍କୁ ସୁଯୋଗ ଦେବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିବା ପରେ କ୍ରୀଡା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବ୍ଲକ ପକ୍ଷରୁ କ୍ରିକେଟ, ଫୁଟବଲ, କବାଡି, ଖୋଖୋ, ଭଲିବଲ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୯ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୨୦ ହଜାର , ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ଦଳକୁ ୧୫ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇ ସମସ୍ତ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିମଧ୍ୟରୁ ମହିଳା କ୍ରିକେଟ ଟିମ୍ ଓ ପୁରୁଷ ହକି ଟିମ୍‌କୁ ଜିଲାସ୍ତରୀୟ ପଠାଯାଇଛି। କ୍ରୀଡାରେ ବିଷମ କଟକ ବ୍ଲକର ବିଭିନ୍ନ ପଞ୍ଚାୟତର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏପିଓ ମାନସୀ ପାତ୍ର, ଯୋଗାଣ ନିରୀକ୍ଷକ ଦେବଦତ୍ତ ଲେଙ୍କା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମଲ, ଏଇ , କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେହେରା, ଦୀପକ ନାୟକ, ଝରଣା ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ।

### ଗଛ କାଟି ଜଣେ ଗିରଫ

ଉମରକୋଟ, ୬ା୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବନାଞ୍ଚଳ ଅଧୀନରେ ଥିବା ସିଂସାରି ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ପଟା କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ସିଂସାରି ଗ୍ରାମର ଖାଗପତି ହରିଜନ (୪୩) । ସୂଚନାନୁଯାୟୀ ଗଛ କଟାଯିବା ସମ୍ପର୍କରେ ଖବରପାଇ ସିଂସାରି ସେକ୍ସନ ଓ ଧୋଡର ସେକ୍ସନ ପକ୍ଷରୁ ଏକ ଟିମ୍ ସିଂସାରି ସଂରକ୍ଷଣ ଜଙ୍ଗଲରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ବନ ବିଭାଗ ଟିମ୍‌କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ବନ ବିଭାଗ କର୍ମଚାରୀ ତାଙ୍କୁ କାବୁ କରି ଗିରଫ କରଥିଲେ। ତାଙ୍କ ନିକଟରୁ ଦୁଇଟିଶାଳ ଗଣ୍ଡିଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫,୦୦୦ ଟଙ୍କା ହେବ। ଏହିଟିମରେ ଧଡ଼ରା ବନପାଳ ସ୍ଥିତିପ୍ରଜ୍ଞା ତ୍ରିପାଠୀ, ବନରକ୍ଷୀ ସିଙ୍ଗସାରି ବିଟ୍‌ର ନୀରବ ସୁନା, ତାପସ ପଟ୍ଟନାୟକ, ମଳୟ ରଞ୍ଜନ, ଧୋଡରା, ସିଂସାରି ସେକ୍ସନ ପାରା ଷ୍ଟାଫ ଥିଲେ।

### ଗୋବିନ୍ଦାଳୟକୁ ୧୩ ଲକ୍ଷର ଚେକ୍

ନବରଙ୍ଗପୁର,୬ା୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା କୃଷିଧାମ, ଗୋବିନ୍ଦାଳୟକୁ ୧୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ନୂତନ ଗୋଶାଳା ନିର୍ମାଣ କରିବା ପାଇଁ ପ୍ରାଣୀ ବିକାଶ ବିଭାଗ ପକ୍ଷରୁ ସରକାରଙ୍କ ପକ୍ଷରୁ ବକେୟା ୧୩ ଲକ୍ଷ ଟଙ୍କାର ଅନୁଦାନ ରାଶୀ ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ରାଧେଶ୍ୟାମ ଲାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାନସିକ ବିକୃତ ପୁଅର ଟାଙ୍ଗିଆ ଚୋଟରେ ମା' ଗୁରୁତର

ପଦ୍ମପୁର, ୬ା୧ (ପ୍ରଶାନ୍ତ କର)

ମାନସିକ ବିକୃତ ପୁଅର ଟାଙ୍ଗିଆ ଚୋଟରେ ତାଙ୍କ ମା' ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଆଖୁ ସିଂ ଗ୍ରାମର ରମ୍ଭା ମିଶାଲ (୫୦)। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ ରମ୍ଭା ମିଶାଲ ଶନିବାର ନିଜ ଘର ପିଣ୍ଡାରେ ବସିଥିବା ବେଳେ ତାଙ୍କ ମାନସିକ ବିକୃତ ପୁଅ ସନ୍ତୋଷ ପଛପଟୁ ଏକ ଧାରୁଆ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ରମ୍ଭାଙ୍କ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚିଲେ। ସେତେବେଳକୁ ରମ୍ଭାଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ରମ୍ଭାଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଅମରେଶ ଜେନା ସଙ୍ଗେସଙ୍ଗେ ତାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ପଦ୍ମପୁର ଥାନାଧିକାରୀ ରଞ୍ଜନ କୁମାର ମାଝି ଘଟଣା ସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଗିରଫ କରିବା ସହ ଟାଙ୍ଗିଆକୁ ଜବତ କରିଛନ୍ତି।

ପ୍ରକାଶ ଯେ, ସନ୍ତୋଷ କିଛି ମାସ ତଳେ ପଦ୍ମପୁର ବ୍ଲକ ଅଫିସ ସମ୍ମୁଖରେ ଥିବା ଏକ ଆମ୍ବୁଲାନ୍ସକୁ ଟାଙ୍ଗିଆରେ ଭଙ୍ଗାରୁଜା କରିଥିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲେ। ସେ ମାନସିକ ବିକୃତ ଥିବା ଜାଣି ତାଙ୍କୁ କଟକ ପଠାଇ ଚିକିତ୍ସିତ କରାଯାଇଥିବା ଜଣାପଡ଼ିଛି।

# ଅର୍ପଣ ରଥ ସଂଗ୍ରହକଲା ଚାଉଳ, ଗୁଆ


ବିଡିଓ ଗୁଆ ଓ ଚାଉଳ ସଂଗୃହିତ କଳସ ଧରିଛନ୍ତି।

ଗୁଡାରି, ୬ା୧ (ପ୍ରମୋଦ ପତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ରାୟଗଡ଼ା ଜିଲା ଗୁଡାରି ବ୍ଲକର ଅସଡା ପଞ୍ଚାୟତରେ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁଡାରି ବିଡିଓ, ଅସଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଗ୍ରାମବାସୀ ସଂକୀର୍ତ୍ତନ କରି ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

# ସିବିଆଇକୁ ମାମଲା ହସ୍ତାନ୍ତର ଦାବି

ଗୁଣପୁର, ୬ା୧୨ (ପ୍ରଦୀପ କୁମାର ପାଢ଼ୀ)

**ଚନ୍ଦ୍ରପୁରରେ ଆଦିବାସୀ ଝିଅ ଲକ୍ଷ୍ମୀ ମାଝିଙ୍କ ମୃତ୍ୟୁ ଘଟଣା**

ରାୟଗଡ଼ା ଜିଲା ଚନ୍ଦ୍ରପୁରରେ ଘଟିଥିବା ଆଦିବାସୀ ଝିଅ ଲକ୍ଷ୍ମୀ ମାଝିଙ୍କ ମୃତ୍ୟୁ ଘଟଣାରେ କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ଯେଉଁ ତଦନ୍ତ କରାଯାଉଛି ତାହା ଦିଗବିହୀନ ଭାବେ ଚାଲିଥିବା ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ମୃତକଙ୍କ ବାପା ଘଟଣା ସମ୍ପର୍କରେ ପୋଲିସରେ ଯେଉଁ ଏତଲା ଦେଇଛନ୍ତି ତାକୁ କ୍ରାଇମ୍ ବ୍ରାଞ୍ଚର ତଦନ୍ତରେ ଶିଥିଳତା ଆଦିବାସୀଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ଏହି ଘଟଣାରେ ଦୋଷୀକୁ ତୁରନ୍ତ ବାହାର କରିବାକୁ ସଙ୍ଗଠନ ଦାବି କରିଛି। ଜାନୁୟାରୀ ୫ରେ ଆଦିବାସୀ ସଙ୍ଗଠନ ପକ୍ଷରୁ ରାୟଗଡା ବନ୍ଦକୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ସମର୍ଥନ କରିଥିଲା।

ସୂଚନା ଯୋଗ୍ୟ ଯେ ଆଦିବାସୀ ଝିଅ ମୃତ୍ୟୁ ଘଟଣାରେ ସଂଗଠନ ପକ୍ଷରୁ ୨୭ ତାରିଖରେ ଚନ୍ଦ୍ରପୁରକୁ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଯାଇଥିଲା। ଏହି କମିଟି ଚନ୍ଦ୍ରପୁର ଗ୍ରସ୍ତକରି ବିଭିନ୍ନ ସରକାରୀ ଅଧିକାରୀ ଓ ବେସରକାରୀ ସଂଗଠନ ସହିତ ଏ ସମ୍ପର୍କରେ ଅଲୋଚନା କରି ପ୍ରକୃତ ଦୋଷୀକୁ ତଦନ୍ତ ପରିସର ଭୁକ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ବିଭିନ୍ନ ସମୟରେ ରାଜ୍ୟର ଅନେକ ଘଟଣାରେ କ୍ରାଇମ୍ ବ୍ରାଞ୍ଚ ତଦନ୍ତ କଲେ ମଧ୍ୟ ଠିକଣା ଭାବରେ ଦୋଷୀ ପାଖରେ ପହଞ୍ଚି ପାରୁନାହିଁ। ତେଣୁ ଏହି ଘଟଣାକୁ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ଆବାହକ ସୁବ୍ରତ ନନ୍ଦ ଦାବି କରିଛନ୍ତି।

# ସଡ଼କ ସୁରକ୍ଷା ଅଭିଯାନରେ ୱାକାଥନ

ରାୟଗଡ଼ା,୬ା୧ (ଆଶିଷ ରଞ୍ଜନ ପଣ୍ଡା)



ବାହାରିଥିବା ସଚେତନତା ଅଭିଯାନ ।

ଜାନୁୟାରି ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସପ୍ତାହର ୬ଷ୍ଠଦିନରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ୱାକାଥନ ଆୟୋଜିତ ହୋଇଛି। ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏମ୍‌ଭିଆଇ ରାଜକୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ୱାକାଥନ୍‌ର ଶୁଭାରମ୍ଭ କରିଥିଲେ। ପରିବହନ ବିଭାଗ ଆଞ୍ଚଳିକ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କୁ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତାବାର୍ତ୍ତା ଲେଖାଥିବା ପ୍ଲାକାର୍ଡ଼ ଧରି ସ୍ଥାନୀୟ ସର୍କିଟ ହାଉସରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜୁ ପଟନାୟକ ଅଡିଟୋରିୟମ ପର୍ଯ୍ୟନ୍ତ ଯାଇଥିଲେ। ବେପରୁଆ ଗାଡ଼ି ଚାଳନା ବନ୍ଦ, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବାକୁ ସହରବାସୀଙ୍କୁ ସଚେତନ କରାଯାଇଛି। ଏହି ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ରଥରେ ଲଗାଯାଇଥିବା ଏଲ୍‌ଇଡି ମାଧ୍ୟମରେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଛି।

# ଅଧିକାରୀ, ମିଲର, ଚାଷୀଙ୍କୁ ନେଇ ଆଲୋଚନା

**ନବରଙ୍ଗପୁର,୬।୧(ସଦାଶିବ ପ୍ରହରାଜ)**

**ମଣ୍ଡିରୁ ଉଠୁନି ଧାନ**
- ମିଲ୍‌ମାଲିକ ଚାହୁଁଛନ୍ତି ଏଫଏକ୍ୟୁ ଧାନ
- ରଙ୍ଗ ବଦଳିବା ଧାନ କେଉଁଠି ବିକ୍ରି କରିବୁ ଚାଷୀଙ୍କ ପ୍ରଶ୍ନ

ନବରଙ୍ଗପୁର ଜିଲାରେ ସପ୍ତାହେ ହେବ ମଣ୍ଡିରୁ ଧାନ ଉଠୁ ନାହିଁ। ମିଲ୍‌ମାଲିକ ମାନେ ଧାନର ରଙ୍ଗ ବଦଳିଛି, ଏଫଏକ୍ୟୁ ଧାନ ମଣ୍ଡିକୁ ଆସୁନାହିଁ ବୋଲି ଅଭିଯୋଗ କରୁଛନ୍ତି। କିଭଳି ଧାନ ଉଠାଇବେ ବୋଲି ମିଲର୍ସ ପ୍ରଶ୍ନ କରୁଛନ୍ତି। ଯୋଗାଣ ବିଭାଗ ଚାଷୀଙ୍କ ଦାବି ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ୨ଟି ମଣ୍ଡିରେ ଧାନ କୁଇଣ୍ଟାଲ ପିଛା ୫ କିଲୋ କଟାଯିବାରୁ ଚାଷୀ ବାଧ ହୋଇ ୧୮ଶହ ଟଙ୍କାରେ ବାହାରେ ମିଲର୍ସଙ୍କୁ ଧାନ ବିକ୍ରୀ କରୁଛନ୍ତି। ମଣ୍ଡିରୁ ଧାନ ଉଠାନାହିଁ ତଥାପି ଚାଷୀଙ୍କ ଧାନ ମିଲର୍ସ ବାହାରୁ କିଭଳି ୧୮ଶହ ଟଙ୍କାରେ କିଣୁଛି ତାହା ଏବେ ବଡ଼ ପ୍ରଶ୍ନ। ଶନିବାର ଯୋଗାଣ ବିଭାଗ, ଲ୍ୟାମ୍ପ୍‌ସ, ଆର୍‌ଏମ୍‌ସି, ମିଲ ମାଲିକ ସଂଘ ଓ ଚାଷୀ ଆର୍‌ଏମସି ପରିସରରେ ଏକ ବୈଠକ କରିଥିଲେ। ମଣ୍ଡିକୁ ଧାନ ଆସିଲେ ଆଦ୍ରତା, ରଙ୍ଗ, ଗୋଡିମାଟି ଆଦି ଯାଞ୍ଚ କରି କିଣାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ କହିଛନ୍ତି। ଏହାକୁ ଚାଷୀ ସହଜେ ଗ୍ରହଣ କରି ପାରୁନାହାନ୍ତି।

ଆର୍‌ଏମସି ମଣ୍ଡିରେ ଆଲୋକ ବବସ୍ଥା, ପାଣି, ଟେଣ୍ଟ, ଚେୟାର ଆଦି ଯୋଗାଇବା ସହ ଧାନର ଗୁଣ ମାନ ଯାଞ୍ଚ କରିବା କଥା। ଏଥି ପାଇଁ ୨ ପ୍ରତିଶତ କମିଶନ ଦିଆଯାଉଛି। ଲ୍ୟାମ୍ପ୍‌ସ ଓ ଏସ୍‌ଏଚ୍‌ଜି ଧାନ କିଣିଲେ ସେମାନଙ୍କୁ ୩୧ ଟଙ୍କ କମିଶନ ପାଉଥିବାବେଳେ ସେମାନେ ମିଲକୁ ଯୋଗାଇବେ। ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବେ। ଯୋଗାଣ ବିଭାଗ ମିଲର୍ସଙ୍କୁ ମଣ୍ଡିରେ ଟ୍ୟାଗ କରିବେ। ମିଲର ମଣ୍ଡିରୁ ଧାନ ଉଠାଇବା ପରେ ଚାଷୀଙ୍କ ଧାନ ପାଇଲେ ବୋଲି ଜଣାଇବେ। ଏହାପରେ ଚାଷୀ ନିଜ ଟଙ୍କା ପାଇବ। ଚାଷୀଙ୍କୁ ବସ୍ତା, ଲୋଡିଂ ଅନଲୋଡିଂ ଖର୍ଚ୍ଚ ଦିଆଯିବା କଥା। ତାହା କିନ୍ତୁ ଦିଆଯାଉନି। ଚାଷୀ ମଣ୍ଡିକୁ ଧାନ ଆଣୁଥିବାବେଳେ ତାହାର ଯାଞ୍ଚ ହେଉନାହିଁ। ଜିଲାରେ ଏବେ ୬୦ଟି ମଣ୍ଡିରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ୟାକେଟ ଧାନ ମଣ୍ଡିରେ ପଡି ରହିଛି। ରଙ୍ଗବଦଳି ଥିବା ଧାନ କିଏ କିଣିବ ବୋଲି ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଚାଷୀଙ୍କ ଧାନ ମଣ୍ଡିରେ ନ କିଣିବ ଯଦି ସୀମାନ୍ତ ଅଞ୍ଚଳ ସିଲ୍ ନ କରି ଛାଷୀଙ୍କ ଧାନ ବିକ୍ରୀ ପାଇଁ ଖୋଲା କରିଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ମିଲର୍ସଙ୍କ ଗୋଦାମ ଯାଞ୍ଚ କରିବାକୁ ଦାବି ହୋଇଛି। ମଣ୍ଡିରେ ଧାନ କିଣା ନ ଗଲେ ଆନ୍ଦୋଳନ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

ମଣ୍ଡି ପୂର୍ବରୁ ନବରଙ୍ଗପୁର ଜିଲାରୁ ଧାନ ଛତିଶଗଡ଼ ଓ ଆନ୍ଧ୍ର ବ୍ୟବସାୟୀ ନେଉଥିଲେ। ମଣ୍ଡି ଆରମ୍ଭ ପରେ ସୀମାବର୍ତ୍ତୀ ଅଞ୍ଚଳ ସିଲ୍ କରାଯାଇଛି। ଏପଟେ ମଣ୍ଡିରୁ ଧାନ ଉଠୁ ନ ଥିବାରୁ ବାଧହୋଇ ଚାଷୀ ୧୮ଶହ ଟଙ୍କାରେ ବାହାରେ ଧାନ ବିକ୍ରୀ କରୁଛି। ମଣ୍ଡି ପୂର୍ବରୁ ଯୋଗାଣ ବିଭାଗ ପକ୍ଷରୁ ମିଲର୍ସଙ୍କ ଗୋଦାମ ଯାଞ୍ଚ ହେଉନାହିଁ। ମିଲର୍ସ ମଣ୍ଡରୁ କେତେ ଧାନ ଉଠାଇଲା ଓ ପୂର୍ବରୁ କେତେ ଧାନ ଗଚ୍ଛିତ ଥିଲା ତହାର ରିପୋର୍ଟ ଯୋଗାଣ ବିଭାଗ ନିକଟରେ ନାହିଁ।

ଭାଗ ଚାଷୀମାନେ କମ ଧାନ ପାଉଥିବାବେଳେ ସେମାନଙ୍କ ସମ୍ପୂର୍ଣ୍ଣ ଜମି ଧାନ ମଣ୍ଡିରେ ଦେବା ପାଇଁ ପଞ୍ଜିରଣ କରୁଛନ୍ତି। ମିଲ୍ ମାଲିକ ଏହାର ଫାଇଦା ଉଠାଉଛନ୍ତି। ୧ଶହ କୁଇଣ୍ଟାଲ ଧାନ ଉତ୍ପାଦନ କରୁଥିବା ଚାଷୀ ଭାଗ ଚାଷରେ ୨୦ କୁଇଣ୍ଟାଲ ଧାନ ପାଉଛି। କିନ୍ତୁ ମଣ୍ଡରେ ୧ଶହ କୁଇଣ୍ଟାଲ ଧାନ ବିକିବାକୁ ଟୋକନ ମିଳୁଛି। ଏପରି ଚାଷୀଙ୍କ ଆଇସ୍କାନ ପରେ ୧ଶହ କୁଇଣ୍ଟାଲ ଧାନ ମିଲ୍‌ମାଲିକ ଉଠାଇବା ଦେଖାଉଛନ୍ତି। ୨୦ କୁଇଣ୍ଟାଲ ଧାନର ଟଙ୍କା ଚାଷୀ ରଖିଲା ପରେ ୮୦ କୁଇଣ୍ଟାଲ ଧାନର ଟଙ୍କା ମିଲର୍ସଙ୍କୁ ଫେରାଇବାକୁ ପଡୁଛି। ଚାଷୀ କୁଇଣ୍ଟାଲ ପିଛା ୧ଶହ ଟଙ୍କା କମିଶନ ରଖୁଛି। ଏନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ପଚାରିଥିଲେ ମଧ ସେ କୌଣସି ଉତ୍ତର ଦେଇ ନ ଥିଲେ। ମଣ୍ଡିକୁ ଚାଷୀ ଧାନ ଆଣନ୍ତୁ ଯାଞ୍ଚ ପରେ କିଣାଯିବ ବୋଲି ଚାଷୀଙ୍କୁ ପ୍ରତିଶୃତି ମିଳିଛି। ଆଲୋଚନାରେ ମିଲ ମାଲିକ ସଂଘ ପ୍ରଦୀପ କୁମାର ମିଶ୍ର, ଆରଏମସି ସମ୍ପାଦକ କପିଳେନ୍ଦ୍ର ସାସମଲ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଚାଷୀ ସରୋଜ କୁମାର ପାତ୍ର, ବୃନ୍ଦାବନ ତ୍ରିପାଠୀ, ଗୁନା ଦାଶ, ବାପି ପୂଜାରୀ, ସତ୍ୟବଦୀ ଷଡଙ୍ଗୀ, ମିଟୁ ପାଣିଗ୍ରାହୀ, ଅଦିତ୍ୟ ସାହୁ, ପ୍ରମୋଦ ତ୍ରିପାଠୀଙ୍କ ସମେତ ବହୁ ଚାଷୀ ଆଲୋଚନାରେ ସାମିଲ ହୋଇଥିଲେ।



ଅଧିକାରୀମାନେ ଚାଷୀ ଓ ମିଲରଙ୍କ ସହ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

**ଡାବୁଗାଁ, ୬।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ପିଏମ୍‌ଇଜିପି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶିଳ୍ପି ଉନ୍ନତି ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜନସୁରକ୍ଷା ଯୋଜନା, ମୋ ଘର, ପିଏମ୍ କିଷାନ, ଭିନ୍ନକ୍ଷମ ଋଣ, ବଳରାମ ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ଯୋଜନା ଉପରେ ଆଲୋଚନା ହୋଇଛି। ବୈଠକରେ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡା, ଏସ୍‌ବିଆଇ ଡାବୁଗାଁ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଏନ. ଲୋକନାଥ ରେଡ୍ଡୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମିଶନଶକ୍ତି ବିପିଏ ନବୀନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଅଜଗର ଉଦ୍ଧାର



**ଚନ୍ଦାହାଣ୍ଡି, ୬।୧ (ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ବାଟପଡ଼ା ଗ୍ରାମ ନିକଟସ୍ଥ ଏକ ଜମିରୁ ପ୍ରାୟ ୬ ଫୁଟ ଲମ୍ବ ଏକ ଅଜଗର ସାପକୁ ସ୍ଥାନୀୟ ଯୁବକମାନେ ଦେଖି ବେନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଚନ୍ଦାହାଣ୍ଡି ଫରେଷ୍ଟର ବିପିନ ହରିଜନ, ଫରେଷ୍ଟଗାର୍ଡ ପରେଶ ବିଷୋୟୀ, ତାପସ ଦାସ, କାନ୍ତ ନାଗ, ଏମ୍‌ଡି ଫାରୁକ ବାଟପଡା ପହଞ୍ଚି ଅଜଗରକୁ ଉଦ୍ଧାର କରି ପାନାବେଡା ରିଜର୍ଭ ଫରେଷ୍ଟରେ ଛାଡ଼ିଥିଲେ।

### ଅକ୍ଷତ କଳସକୁ ସ୍ୱାଗତ

**ତେନ୍ତୁଳିଖୁଣ୍ଟି ୬।୧ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶନିବାର ଅକ୍ଷତ କଳସକୁ ବିଭିନ୍ନ ପଞ୍ଚାୟତରେ ସ୍ୱାଗତ କରାଯାଇଛି। ଗୌଡ଼ ଦେଓପାଲ୍ଲୀ, ପରଜାବାରଙ୍ଗପଦର, ଦିଗିସଲପା ଓ ଲମତାଗୁଡ଼ା ପଞ୍ଚାୟତରେ ଅକ୍ଷତ କଳସ ଏବଂ ନିମନ୍ତ୍ରଣ ପତ୍ରକୁ ବନ୍ଦାପନା କରାଯାଇଥିଲା। ସ୍ଥାନୀୟ ମନ୍ଦିରରେ ରଖି ଗ୍ରାମଗୁଡିକରେ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ପାଇଁ ଉପସ୍ଥିତ ଗ୍ରାମବାସୀ ମାନେ ଆଲୋଚନା କରିଥିଲେ। ଲମତାଗୁଡା ଛକରେ ଅଞ୍ଚଳବାସୀ ହୁଳହୁଳି, ଶଙ୍ଖ ଧ୍ୱନି, ଜୟ ଶ୍ରୀରାମ ନାରାରେ ଅକ୍ଷତ କଳସକୁ ସ୍ୱାଗତ କରିବା ପରେ ଗାଁ ପରିକ୍ରମା କରାଯାଇଥିଲା। ପରିକ୍ରମା ପରେ କଳସକୁ ଲମତାଗୁଡା ଶିବ ମନ୍ଦିରରେ ରଖାଯାଇଛି। ରାମମନ୍ଦିର ପ୍ରତିଷ୍ଠା ପୂର୍ବରୁ ପ୍ରତ୍ୟେକ ଘରେ ନିମନ୍ତ୍ରଣ ପତ୍ର ସହ ଅକ୍ଷତ ଚାଉଳ ପହଞ୍ଚାଯିବ। ଏଥି ସହ ମନ୍ଦିର ପ୍ରତିଷ୍ଠା ଦିନ ଘରେଘରେ ଦୀପ ଜଳାଇବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଖୁଡ୍‌ଖୁଡ଼ି ଖେଳ ବନ୍ଦ କରିବାକୁ ବ୍ୟାନରରେ ଚେତାବନୀ

**ରାଇଘର, ୬।୧ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଦୀର୍ଘ ଦିନ ଧରି ଚାଲୁଥିବା ଖୁଡୁଖୁଡ଼ି ଖେଳ ବନ୍ଦ କରିବାକୁ କୁନ୍ଦେଇ ମୁଖ୍ୟ ରାସ୍ତାର ମାରଙ୍ଗପାଲି ଛକ ନିକଟରେ ଏକ ବ୍ୟାନର ଲଗାଯାଇଛି। ତେବେ ଏହି ବ୍ୟାନର କାହା ପକ୍ଷରୁ ମରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସୂଚନାନୁଯାଇ ରାଇଘର ବ୍ଲକର ୨୬ ପଞ୍ଚାୟତର ପ୍ରତି ସାପ୍ତାହିକ ବଜାରରେ ଖୁଡ଼ଖୁଡି ଜୁଆ ଖେଳ ଚାଲିଥାଏ। ଏହାକୁ ଗ୍ରାମବାସୀ ବିରୋଧ କରି ଅଭିଯୋଗ କରୁଥିବା ନେଇ ଖବର



ପ୍ରକାଶ ପାଇଥାଏ। ଏ ନେଇ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କକରାଯାଉ ନ ଥିବାରୁ ଲୋକେ ସର୍ବସ୍ୱାନ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହାର ବିରୋଧରେ ଶୁକ୍ରବାର ରାତିରେ ମାରଙ୍ଗପାଲି ଛକ ନିକଟରେ ଏକ ବ୍ୟାନର ମରାଯାଇଥିବା ଦେଖିବାକୁ ମିଳିଛି। ରାଇଘର ଓ କୁନ୍ଦେଇ ପୋଲିସକୁ ଜୁଆ ଖେଳ ତୁରନ୍ତ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ପୋଲିସ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ କୁହାଯାଇଛି। ରାଇଘର ପୋଲିସ ଏହି ବ୍ୟାନର ପକ୍ଷରୁ ଜବତ କରିଛି। ବ୍ୟାନରକୁ କୌଣସି ମାଓବାଦୀ ସଙ୍ଗଠନ ନୁହେଁ ବରଂ ସ୍ଥାନୀୟ ଯୁବ ଗୋଷ୍ଠୀ ଲଗାଇଥିବା ପୋଲିସ କହିଛି।

## ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

**ନବରଙ୍ଗପୁର/ ଡାବୁଗାଁ,୬।୧ (ସଦାଶିବ ପ୍ରହରାଜ/ ପ୍ରଜ୍ଞାରଞ୍ଜନ ପରିଡ଼ା)**

**ସଚେତନ ଚାଳକଙ୍କୁ ଚକୋଲେଟ୍**

ଏନ୍‌ଏସ୍‌ଏସ୍ ଓ ଯୁବ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି। ଏହି ଅବସରରେ ଏକ ସଚେତନତାର ଶୋଭାଯାତ୍ରା ବାହାରିଥିଲା। ହେଲମେଟ ଓ ସିଟବେଲ୍ଟ ବ୍ୟବହାର କରିଥିବା ଯାତ୍ରୀଙ୍କୁ ଚକୋଲେଟ ପ୍ରଦାନ କରାଯାଇଥିଲା। ହେଲ୍‌ମେଟ୍ କିମ୍ବା ସିଟ୍‌ବେଲ୍ଟ ବ୍ୟବହାର କରି ନ ଥିବା ଯାତ୍ରୀଙ୍କୁ ସଚେତନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ମାଳେଶ୍ୱରୀ ସାହୁ ସ୍ୱେଚ୍ଛାସେବୀଙ୍କୁ ସତର୍କ ରହିବା ସହିତ ସମାଜକୁ ସଚେତନତା ବାର୍ତ୍ତା ଦେବାକୁ ବୁଝାଇଥିଲେ। ଯାତାୟତବେଳେ ସତର୍କତା ରକ୍ଷା କରିବାକୁ ଯୁବ ରେଡ଼କ୍ରସ୍ ସଂଯୋଜିକା ଡ଼କ୍ଟର ସଂଯୁକ୍ତା ପଣ୍ଡା କହିଛନ୍ତି। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁନୀତା ପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍ ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ପ୍ରଧାନ, ରଞ୍ଜୁଷା ପ୍ରହରାଜ, ତାଇରା ବେଗମ, ଲକ୍ଷ୍ମୀକାନ୍ତ ସୌରାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ବହୁଳ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଡାବୁଗାଁରେ ଶୋଭାଯାତ୍ରା କରିଛନ୍ତି। ଗାଡି ଚଲାଇବା ବେଳେ ହେଲମେଟ ପିନ୍ଧିବା, ସିଟ୍‌ବେଲ୍ଟ ଲଗାଇବା, ଟ୍ରାଫିକ ନିୟମ ମାନି ଚାଲିବା ଭଳି ଅନେକ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ସାମନ୍ତରାୟ ଓ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, ଉଭୟ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।

## ୮ ବ୍ଲକରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ

**ଚାଉଳ, ଗୁଆ ପ୍ରଦାନ କଲେ ଲୋକେ**

**ନବରଙ୍ଗପୁର,୬।୧(ସଦାଶିବ ପ୍ରହରାଜ)**

ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ୧୭ ତାରିଖ ଦିନ ଲୋକାର୍ପଣ ହେବ। ଶ୍ରୀ ଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅର୍ପଣ ରଥ ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବ୍ଲକରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନର୍ବାହୀ ଅଧିକାରୀ ଅନ୍ୟା ଦାଶ, ବିଜେଡି ଜିଲା ସଭନେତ୍ରୀ ମଞ୍ଜୁଳା ମାଝି, କୋଷାଗୁମୁଡା, ପାପଡାହାଣ୍ଡି, ଡାବୁଗାଁରେ ଜିଲାପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷ, ଉମରକୋଟରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁରେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉଠାଜଳ ସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ି ରଥ ଉଦ୍‌ଘାଟନ କରିଥିଲେ। ରାଇଘରରେ ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବିକେବିକେ ଉପଦେଷ୍ଟା ସୁକଦେ ଗଣ୍ଡ ଶୁଭାରମ୍ଭ କରିଥିଲେ। ନନ୍ଦାହାଣ୍ଡିରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ବିଡିଓ, ବ୍ଲକ ଅଧ୍ୟକ୍ଷା ଓ ଚନ୍ଦାହାଣ୍ଡି ବ୍ଲକରେ ବିଡିଓ ଓ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅର୍ପଣ ରଥ ଶୁଭାରମ୍ଭ କରାଯାଇଛି। ଭକ୍ତି ଭାବ, ଉତ୍ସାହର ସହିତ ରଥ ପରିକ୍ରମା କରିଛି। ଲୋକମାନେ ପୂଜାର୍ଚ୍ଚନା କରି ଚାଉଳ ଓ ଗୁଆ ପ୍ରଦାନ କରିଛନ୍ତି।



କୋଷାଗୁମୁଡା ବ୍ଲକରେ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି।

## ଗଛ କାଟିବା ଅଭିଯୋଗରେ ଜଣେ ଗିରଫ

**ଉମରକୋଟ, ୬।୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବନାଞ୍ଚଳ ଅଧୀନରେ ଥିବା ସିଂସାରି ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ପଟା କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ସିଂସାରି ଗ୍ରାମର ଖାଗପତି ହରିଜନ (୪୩) । ସୂଚନାନୁଯାୟୀ ଗଛ କଟାଯିବା ସମ୍ପର୍କରେ ଖବରପାଇ ସିଂସାରି ସେକ୍ସନ ଓ ଧୋଡର ସେକ୍ସନ ପକ୍ଷରୁ ଏକ ଟିମ୍ ସିଂସାରି ସଂରକ୍ଷଣ ଜଙ୍ଗଲରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ବନ ବିଭାଗ ଟିମ୍‌କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ବନ ବିଭାଗ କର୍ମଚାରୀ ତାଙ୍କୁ କାବୁ କରି ଗିରଫ କରଥିଲେ। ତାଙ୍କ ନିକଟରୁ ଦୁଇଟି ଶାଳ ଗଣ୍ଡି ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୫,୦୦୦ ଟଙ୍କା ହେବ। ଏହି ଟିମରେ ଧଡ଼ରା ବନପାଳ ସ୍ମିତିପ୍ରଜ୍ଞା ତ୍ରିପାଠୀ, ବନରକ୍ଷୀ ସିଙ୍ଗସାରି ବିଟ୍‌ର ନୀରବ ସୁନା, ତାପସ ପଟ୍ଟନାୟକ, ମଳୟ ରଞ୍ଜନ, ଧୋଡରା, ସିଂସାରି ସେକ୍ସନ ପାରା ଷ୍ଟାଫ ଥିଲେ।

## ଗୋବିନ୍ଦାଳୟକୁ ୧୩ ଲକ୍ଷର ଚେକ୍

**ନବରଙ୍ଗପୁର,୬।୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଦ୍ୱାରା କୃଷିଧାମ, ଗୋବିନ୍ଦାଳୟକୁ ୧୩ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ନୂତନ ଗୋଶାଳା ନିର୍ମାଣ କରିବା ପାଇଁ ପ୍ରାଣୀ ବିକାଶ ବିଭାଗ ପକ୍ଷରୁ ସରକାରଙ୍କ ପକ୍ଷରୁ ବକେୟା ୧୩ ଲକ୍ଷ ଟଙ୍କାର ଅନୁଦାନ ରାଶୀ ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ରାଧେଶ୍ୟାମ ଲାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକଙ୍କୁ ସଚେତନ କରିବାକୁ ବୁଲିବ ମୋବାଇଲ ଭ୍ୟାନ୍




ତାଲିମ ଶିବିରରେ ଜିଲାପାଳଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

**ନବରଙ୍ଗପୁର,୬।୧(ସଦାଶିବ ପ୍ରହରାଜ)**

**ସେକ୍ଟର ଅଫିସର, ପୋଲିସ ସେକ୍ଟର ଅଫିସରଙ୍କୁ ତାଲିମ**

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସାଧନ କେନ୍ଦ୍ରରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେକ୍ଟର ଅଫିସର ଓ ପୋଲିସ ସେକ୍ଟର ଅଫିସରଙ୍କୁ ତାଲିମ୍ ଦିଆଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା , ଅବାଧ ଓ ସୁଚାରୁରୂପେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନବେଳେ ସେକ୍ଟର ଅଫିସର ଓ ପୋଲିସ ସେକ୍ଟର ଅଫିସରଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଶନିବାର ଉମରକୋଟ, ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ପର୍ଯ୍ୟାୟରେ ତାଲିମ ଦିଆଯାଇଛି। ମତଦାନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗଙ୍କ ନିୟମ ଆଧାରରେ ଦାୟିତ୍ୱ ତୁଲାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେକ୍ଟର ଅଫିସରମାନେ ନିଜ ଅଧୀନରେ ଥିବା ସମସ୍ତ ବୁଥ୍ ପରିଦର୍ଶନ କରି ନିର୍ଭୁଲ ତଥ୍ୟ ସଂଗ୍ରହ କରିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି । ମୋକ ଭୋଟିଂ ପାଇଁ ପ୍ରତି ବ୍ଲକ ଓ ପୋରାଞ୍ଚଳରେ ଇଭିଏମ୍ ମୋବାଇଲ ଭ୍ୟାନ ୧୨ରୁ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ୯୨୨ ସ୍ଥାନରେ ବୁଲିବ। ଇଭିଏମ୍‌ରେ ନିର୍ଭୁଲ ମତଦାନ ପାଇଁ ଭୋଟରଙ୍କୁ ସଚେତନ କରାଯିବ। ଏହି ତାଲିମ ଶିବିରରେ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ(ସାଧାରଣ), ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ(ରାଜସ୍ୱ), ଉପଜିଲାପାଳ ତଥା ଜିଲା ପଞ୍ଜିକରଣ ଅଧିକାରୀ ପ୍ରକାଶ ମିଶ୍ର, ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ରଙ୍କ ସମେତ ସମ୍ପୃକ୍ତ ବ୍ଲକ ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ ଓ ସାଧାରଣ), ଡେପୁଟି ଜିଲାପାଳ (ନିର୍ବାଚନ) ପି. ମନସ୍ୱିତା, ଜରୁରୀକାଳୀନ ବିଭାଗ ଡେପୁଟି ଜିଲାପାଳ ଅମୃତ କୁମାର ରାଉଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

## ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ଡାବୁଗାଁ/ତେନ୍ତୁଳିଖୁଣ୍ଟି, ୬।୧ (ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)**

ଓଡ଼ିଶା ଡ୍ରାଇଭର ମହାସଂଘ ନିର୍ଦ୍ଦେଶରେ ଡାବୁଗାଁ ଡ୍ରାଇଭର ମହାସଂଘ ସଦସ୍ୟମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ଶନିବାର ସାମିଲ ହୋଇଛନ୍ତି। କେନ୍ଦ୍ର ସରକାର ନୂଆ ହିଟ୍ ଆଣ୍ଡ ରନ୍ ଆଇନକୁ ହଟାଇବାକୁ ସଂଘ ପକ୍ଷରୁ ଦାବି କରାଯାଉଛି ବୋଲି ବ୍ଲକ ସଭାପତି ସନ୍ତୋଷ ଭତ୍ରା କହିଛନ୍ତି। କେନ୍ଦ୍ର ସରକାରଙ୍କ ନୂଆ ନିୟମରେ ଗାଡ଼ି ଚାଳକ ଦୁର୍ଘଟଣା କରିଲେ ୭ ଲକ୍ଷ ଜୋରିମାନା ଓ ୧୦ ବର୍ଷ ଜେଲ କାରାଦଣ୍ଡ ପ୍ରାବଧାନ ରହିଛି। ଏଥିସହ ଡ୍ରାଇଭର ମହାସଂଘର ଥିବା ପୁରୁଣା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଲୋକେ ପ୍ରଭାବିତ ହେଉଛନ୍ତି। ଗାଡ଼ି ଚଳାଚଳ ନ ହେବାରୁ ଯାତ୍ରୀ ଅସୁବିଧାର ସମୁଖୀନ ହେଉଛନ୍ତି।

ସେହିଭଳି ତେନ୍ତୁଳିଖୁଣ୍ଟି ବ୍ଲକ କୁର୍ମାକୋଟ ଛକ ନିକଟରେ ମଧ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ ଜିଲା ଡ୍ରାଇଭର ସଂଘ ଉପଦେଷ୍ଟା ଦିଲୀପ, ଉପସଭାପତି ଦିବାକରଙ୍କ ସହ ତେନ୍ତୁଳୀଖୁଣ୍ଟି ଡ୍ରାଇଭର ସଙ୍ଘ ସଭାପତି ଘାସିରାମ, ଉପସଭାପତି ବିପିନ, ସମ୍ପାଦକ ତ୍ରିନାଥ, ସହ ସମ୍ପାଦକ ସୁଶାନ୍ତ, ବ୍ଲକ ଉପଦେଷ୍ଟା ଶୁଭେନ୍ଦୁ, କୋଷାଧ୍ୟକ୍ଷ ଗଜେନ୍ଦ୍ରଙ୍କ ସମେତ ବ୍ଲକର ବହୁ ଡ୍ରାଇଭର ଆନ୍ଦାଳନରେ ସାମିଲ ହୋଇଥିଲେ ।





ଡାବୁଗାଁ ଓ ତେନ୍ତୁଳିଖୁଣ୍ଟିରେ ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

## ଟିଙ୍ଗୁଡ଼ିସର, ପିପଲଗୁଡ଼ାବାସୀଙ୍କୁ ଝରଣା, ଚୁଆପାଣି ଭରସା

**ତେନ୍ତୁଳିଖୁଣ୍ଟି, ୬।୧ (ଚିଦାନନ୍ଦ ସାହୁ)**

**ଜଳ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ**

ସରକାର ପ୍ରତି ଘରେ ପାନୀୟ ଜଳ ଯୋଗାଇବାକୁ ଯୋଜନା କରୁଛନ୍ତି। ଏଥିସହ ଟୋଲ୍ ଫ୍ରି ନମ୍ବର ୧୯୧୬ ଜାରି କରି ବସୁଧା ଯୋଜନାର ଜଳ ଯୋଗାଣ ଠିକ୍ କରିବା ବ୍ୟବସ୍ଥା କରିଛନ୍ତି। କିନ୍ତୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ ଦେଓପାଲି ପଞ୍ଚାୟତର ଟିଙ୍ଗୁଡ଼ିସର ଓ ପିପଲଗୁଡ଼ା ଗ୍ରାମରେ ଏସବୁ ଯୋଜନା ପହଞ୍ଚି ପାରିନାହିଁ। ଏହି ୨ ଗ୍ରାମରେ ବସୁଧା ଯୋଜନା ନ ଥିବାବେଳେ ମେଗାଲିଫ୍ଟ ପାନୀୟ ଜଳ ବ୍ୟବସ୍ଥା, ସୋଲାରବେସ୍‌ଡ୍ ପାନୀୟ ଜଳ ବ୍ୟବସ୍ଥା ନାହିଁ।

ଟିଙ୍ଗୁଡ଼ିସର ଗାଁରେ ୨୭ ପରିବାର ରହୁଛନ୍ତି। ସେମାନଙ୍କ ପାଇଁ ୨ଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ଥିବାବେଳେ ଅନ୍ୟଟିରୁ ଯେଉଁ ପାଣି ବାହରୁଛି ତାହା ପିଇବାଯୋଗ୍ୟ ନୁହେଁ। ଓଟିଏଲ୍‌ପି ଯୋଜନାରେ ଗ୍ରାମରେ ଗ୍ରାଭିଟେସନଲ ଫୋର୍ସ ବେସ୍‌ଡ ଜଳ ବ୍ୟବସ୍ଥା କରାଯାଇଥିଲା। ପାହାଡ଼ର ଜଳ ଉତ୍ସରୁ ପାଣି ସଂଗ୍ରହ କରାଯାଇ ଗୋଟିଏ ସ୍ଥାନରେ ରଖି ଫିଲ୍‌ଟର କରି ପାଇପ ମାଧ୍ୟମରେ ଗ୍ରାମକୁ ଦିଆଯାଉଥିଲା। ପାଇପ ଫାଟିଯାଇଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏବେ ଗ୍ରାମବାସୀଙ୍କ ଜଳ ଉତ୍ସ କହିଲେ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ଝରଣା। ଗ୍ରାମରେ ଥିବା ଖୋଲା କୂଅ ଦୂଷିତ ହୋଇଛି। ଏହାକୁ ସଫା କଲେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରିବ ବୋଲି ଗ୍ରାମର ଅଭି ଗୌଡ଼, ଅନ୍ତ ଗୌଡ଼, ସଦା ଗୌଡ଼, ଲକ୍ଷ୍ମଣ ପାଇକ, କୁନ୍ଦନ ଗୌଡ଼, ଭଗବାନ ପାଇକ, ନନ୍ଦନ ଗୌଡ଼, ବରୁଣ ଗୌଡ଼, ନନ୍ଦ ପରଜା ପ୍ରମୁଖ କହିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କୁ ପଚାରିବାରୁ ଓଟିଏଲ୍‌ପି ଦ୍ୱାରା ହୋଇଥିବା ଜଳ ବ୍ୟବସ୍ଥା ଆମେ କରିପାରିବୁ ନାହିଁ। ଆବଶ୍ୟକ ହେଲେ ସାମଗ୍ରୀ ଯୋଗାଇଦେବୁ। ଆବଶ୍ୟକ ସାମଗ୍ରୀ ନେଇ ଖରାପ ନଳକୂପର ମରାମତି କରିବାକୁ ସରପଞ୍ଚଙ୍କୁ କହିଛୁ ବୋଲି ସେ କହିଛନ୍ତି। ସରପଞ୍ଚ ପ୍ରମିଳା ମୁଦୁଲିଙ୍କୁ ପଚାରିବାରୁ ଏସ୍‌ଇଏମ୍‌କୁ ପଞ୍ଚାୟତରେ ଥିବା ସାମଗ୍ରୀ ଦିଆଯାଇଛି। ସେ ତାହା ମରାମତି କରିବ। କିନ୍ତୁ ଦୀର୍ଘ ବର୍ଷ ହେବ ବ୍ୟବହାର ନ ହୋଇ ପଡ଼ିଥିବାରୁ ତାହା ପିଇବା ଉପଯୋଗୀ ହେବନହିଁ। ଏଣୁ ନୂଆ ନଳକୂପ ଖୋଳିବା ପାଇଁ ବ୍ୟବସ୍ଥା କରିବାକୁ ହେବ ବୋଲି ସେ କହିଛନ୍ତି।

ପିପଲଗୁଡ଼ା ଗ୍ରାମବାସୀ ମଧ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ଏ ନେଇ ବହୁ ଅଭିଯୋଗ ପରେ ନଳକୂପ ଖନନ ହୋଇଥିଲା। ନଳକୂପର ହ୍ୟାଣ୍ଡେଲ ଭାଙ୍ଗିବାକୁ ୬ମାସ ବିତିଯାଇଥିଲେ ମଧ ତାହା ଆଜିପର୍ଯ୍ୟନ୍ତ ଲାଗିପାରିନହିଁ। ଏ ଦିଗରେ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏବେ ଗାଁରେ ଗୋଟିଏମାତ୍ର ନଳକୂପ ରହିଛି। ସେଥିରୁ ପାଣି ବାହାରିବାକୁ ଅନେକ ସମୟ ଲାଗୁଛି। ବାଧହୋଇ ଚୁଆପାଣି ବ୍ୟବହାର କରିବାକୁ ପଡୁଛି ବୋଲି ଭୀମ ହଲପା, ସୁନ୍ଦର ଗୌଡ଼, ସଦା ନାଗ, ଧନେଶ୍ୱର ନାଗ, ଶୁକ୍ରୁ ଗୌଡ଼, ଅର୍ଜୁନ ଜାନି, ପ୍ରସାଦ ଗୌଡ଼, ଅଭି ଗୌଡ଼ ପ୍ରମୁଖ ଗ୍ରାମବାସୀ କହିଛନ୍ତି। ଗାଁର ୧୫ ପରିବାରରୁ ୨ଜଣଙ୍କୁ ଛାଡ଼ି ଅନ୍ୟମାନଙ୍କୁ କୌଣସି ଯୋଜନାରେ ଘର ମିଳି ନାହିଁ। ଏ ସବୁ ସମସ୍ୟା ନେଇ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ଗାଁ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କୁ ପଚାରିବାରୁ ନୂଆ ନଳକୂପର ଆବଶ୍ୟକ ହେଲେ ସାମଗ୍ରୀ ଯୋଗାଇଦେବେ ବୋଲି ସେ କହିଛନ୍ତି। ତେନ୍ତୁଳିଖୁଣ୍ଟିରୁ ଅବଢ଼ ସାମଗ୍ରୀ ଗାଡ଼ି ଉକ୍ତ ସ୍ଥାନକୁ ନେବାକୁ ବେଶି ଅର୍ଥ ଦାବି କରୁଥିବା ସରପଞ୍ଚ କହିଛନ୍ତି।

